# 'ଟଙ୍କା ଦେଲେ ଅଧିକ ଟାର୍ଗେଟ ମିଳୁଛି'

**ଧାନକିଣା ଟାର୍ଗେଟ ବଣ୍ଟନରେ ପାତର ଅନ୍ତର**

- ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆଣିଲେ ମିଲର୍ସ
- ରୁଦ୍ଧଦ୍ୱାର ବୈଠକରେ ମିଲର୍ସ-ଯୋଗାଣ ଅଧିକାରୀଙ୍କ ପାଟିତୁଣ୍ଡ
- ଚାଷୀଙ୍କଠାରୁ ଧାନ କିଣି ପାରିନାହିଁ ପ୍ରଶାସନ

ବଲାଙ୍ଗୀର,୭ା୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାରେ ଧାନକିଣା ସ୍ୱାଭାବିକ ହୋଇନାହିଁ। ମିଳିଥିବା ତଥ୍ୟ ମୁତାବକ ଜିଲାର କେତେଜଣ ଚାଷୀଙ୍କ ପାଖକୁ ଟୋକନ ଆସିସାରିଛି। ମିଲର୍ସଙ୍କ ସହ ଚୁକ୍ତି ବି ସରିଛି। ହେଲେ ଶନିବାର ସନ୍ଧ୍ୟା ସୁଦ୍ଧା ଜିଲାରେ ଧାନକିଣା ଅଚଳାବସ୍ଥା ଲାଗିରହିଛି। ଧାନକିଣା କେବେ ସ୍ୱାଭାବିକ ହେବ ଜଣାପଡି ନ ଥିବା ବେଳେ ଶନିବାର ମିଲର୍ସମାନେ ଯୋଗାଣ କାର୍ଯ୍ୟାଳୟ ଅଧିକାରୀଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଧାନକିଣା ଚୁକ୍ତି କରିଥିବା ମିଲର୍ସଙ୍କୁ ଧାନ ଟାର୍ଗେଟ ବଣ୍ଟନରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ଆଣି ମିଲର୍ସମାନେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ବେଣୁଧର ପଣିଗ୍ରାହୀଙ୍କ ସହ ରୁଦ୍ଧଦ୍ୱାର ବୈଠକ କରିଥିଲେ। ବୈଠକରେ ପାଟିତୁଣ୍ଡ ହୋଇଥିଲା। ଅଧିକ ଟଙ୍କା ଦେଲେ ଅଧିକ ଟାର୍ଗେଟ ଦିଆଯାଉଛି ବୋଲି ଅଭିଯୋଗ କରାଯାଇଥିଲା। ଜିଲାର ସମସ୍ତ ମିଲର୍ସଙ୍କୁ ସମାନ ଟାର୍ଗେଟ ବଣ୍ଟନ କରାଯିବାକୁ ମିଲର୍ସମାନେ ଦାବି କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ମିଲର୍ସମାନେ ପୂର୍ବାହ୍ନରୁ ଜିଲା ଯୋଗାଣ କାର୍ଯ୍ୟାଳୟରେ ରୁଣ୍ଡ ହୋଇଥିଲେ। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଅଫିସ ଆସିବା ପରେ ମିଲର୍ସ ପ୍ରତିନିଧିମାନେ ତାଙ୍କୁ ଅଫିସ ଭିତର ଏକ ବୈଠକ ସ୍ଥଳକୁ ଡାକିଥିଲେ। ଏହାପୂର୍ବରୁ ମିଲର୍ସମାନଙ୍କ ମଧ୍ୟରୁ ଅନେକେ ଗଣମାଧ୍ୟମରେ ଟାର୍ଗେଟ ବଣ୍ଟନକୁ ନେଇ କିଭଳି ପାତରଅନ୍ତର ଚାଲିଛି ଓ ଟଙ୍କା ଦେଲେ କିଭଳି ଅଧିକ ଟାର୍ଗେଟ ଦିଆଯାଉଛି କହିସାରିଥିଲେ। ବେଲପଡା ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ମିଲର୍ସଙ୍କୁ କିଭଳି ଅଧିକ ଟାର୍ଗେଟ ଦିଆଯାଇଛି ଅଭିଯୋଗ କରିଥିଲେ। ଯିଏ ଟଙ୍କା ଦେଇପାରୁନାହିଁ ସେମାନଙ୍କୁ କମ୍ ଟାର୍ଗେଟ ଦିଆଯାଇ କିଭଳି ହଇରାଣ କରାଯାଉଛି କହିଥିଲେ। ବେଲପଡା ଘାଗୁର୍ଲିର ମିଲର୍ସ ଲୋକନାଥ ସାହୁ ଟଙ୍କା ଦେଲେ ଅଧିକ ଟାର୍ଗେଟ ଦିଆଯାଉଥିବା ଭଳି ସାଂଘାତିକ ଅଭିଯୋଗ ଆଣିଥିଲେ। ଗତ ୨୦୨୩-୨୪ ବର୍ଷରେ ଯେଭଳି ଟାର୍ଗେଟ ଦିଆଯାଇଥିଲା ସେଭଳି ଟାର୍ଗେଟ ଦିଆଯାଇଛି ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପାଣିଗ୍ରାହୀ କହିଥିଲେ। ସମାନ ଟାର୍ଗେଟ ଦିଆ ନ ଗଲେ କୌଣସି ମିଲର୍ସ ଧାନକିଣା ପ୍ରକ୍ରିୟାରେ ଭାଗ ନେବେ ନାହିଁ ବୋଲି ମିଲର୍ସମାନେ ସେଠାରେ କହିଥିଲେ। ସନ୍ଧ୍ୟାରେ ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହେବ ବୋଲି ଯୋଗାଣ ଅଧିକାରୀ ପାଣିଗ୍ରାହୀ କହିବା ପରେ ମିଲର୍ସମାନେ ସେଠାରୁ ଫେରିଥିଲେ। ଅପରାହ୍ଣ ୪ଟାରୁ ପୁଣି ଥରେ ମିଲର୍ସମାନେ ଯୋଗାଣ କାର୍ଯ୍ୟାଳୟରେ ଥିଲେ ସୁଦ୍ଧା ରାତି ସାଢ଼େ ୭ଟା ଯାଏଁ କୌଣସି ସମାଧାନ ବାଟ ବାହାରି ନ ଥିବା ଜିଲା ମିଲର୍ସ ଆସୋସିଏଶନ୍ ସଭାପତି ସମର ରଥ ଜଣାଇଛନ୍ତି।


ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ସହ ମିଲର୍ସମାନେ ଆଲୋଚନା କରୁଛନ୍ତି।

# ରାଜ୍ୟ ହୋଟେଲ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ବେକେରି, ପେଟିସରୀ କର୍ମଶାଳା



ରାଜ୍ୟ ହୋଟେଲ ପରିଚାଳନା ପ୍ରତିଷ୍ଠାନରେ ଅନୁଷ୍ଠିତ ବେକେରି ଓ ପେଟିସରୀ କର୍ମଶାଳା।

ବଲାଙ୍ଗୀର,୭ା୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଟିଟିଲାଗଡ ରୋଡସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରାଜ୍ୟ ହୋଟେଲ ପରିଚାଳନା ପ୍ରତିଷ୍ଠାନରେ ବେକେରି ଓ ପେଟିସରୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନ ଅଧ୍ୟକ୍ଷ ସୁରେଶ କୁମାର ଏକ୍‌ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡିଗ୍ରୀ, ଡିପ୍ଲୋମା ଓ କ୍ରାଫ୍ଟ ବିଭାଗ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ କେକ୍ କେଟେଗୋରିର ପିନଟ୍ ବାର, ଟେରାମିସୁ, ମୌସେ କେକ୍, ବ୍ରେଡ୍ ଚିଜ୍ କେକ୍, ଏଗ୍‌ଲେସ୍ କେରଟ୍ କେକ୍, ପୋଭ୍‌ଲୋଭା, ମାକୋରୁନସ୍ ତିଆରି ପ୍ରଣାଳୀ ଉପରେ ସବିଶେଷ ଜ୍ଞାନ ପ୍ରଦାନ କରାଯିବା ସହ ପ୍ରଦର୍ଶନୀ କରାଯାଇଥିଲା। ବ୍ରେଡ୍ କେଟେଗୋରୀରେ ସିଆବାଟା, ବାଗୁଏଟ୍ ପିଟା ବ୍ରେଡ୍, ଫୋକାସିଆ, କ୍ରୋଇସାଣ୍ଟ, ଡାନିସ୍, ବ୍ରେଡ୍ ଷ୍ଟିକ୍ ଏବଂ ଲାଭାସା ନିର୍ମାଣ କୌଶଳ ସମ୍ପର୍କିତ ଜ୍ଞାନ ପ୍ରଦାନ କରାଯିବା ସହ ପ୍ରଦର୍ଶନୀ କରାଯାଇଥିଲା। ଏହି କର୍ମଶାଳା ପରିଚାଳନାରେ ସାହିଲ ସାହୁ ଓ ଷ୍ଟାଫ୍‌ମାନେ ବିଶେଷ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଆନ୍ତର୍ଜାତିକ ସ୍ତରର ଜ୍ଞାନ ଆହରଣ ସହ ବିଶ୍ୱସ୍ତରୀୟ ହୋଟେଲ ପରିଚାଳନା କୌଶଳ ଶିକ୍ଷା ଦେବାକୁ ପ୍ରତିଷ୍ଠାନ ଗୁରୁତ୍ୱ ଦେଉଥିବା କଲେଜ ଅଧ୍ୟକ୍ଷ ଏକ୍‌ନାଥ କହିଛନ୍ତି।

**ସଂକ୍ଷେପରେ**

## ବେଲପଡ଼ା ରାଇସ ମିଲରେ ବେଆଇନ ଧାନ

ବଲାଙ୍ଗୀର,୭ା୧୨(ବୀରେନ୍ଦ୍ର କୁମାର ଝାଙ୍କର)

ଅଗ୍ରଣୀ ଚାଷୀ ସଙ୍ଗଠନ ଭାରତୀୟ କିଷାନ ୟୁନିୟନ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦରଖାସ୍ତ ଦିଆଯାଇ ବେଲପଡା ଅଞ୍ଚଳର ଅନନ୍ତ ପେଡି ପ୍ରୋସେସିଂ ପ୍ରାଇଭେଟ୍ ଲିମିଟେଡ୍‌ର ରାଇସ୍ ମିଲ ଗୋଦାମରେ ବେଆଇନ ଧାନ ମହଜୁଦ ଥିବା ଅଭିଯୋଗ କରାଯାଇଛି। ଶନିବାର ମିଲର୍ସମାନେ ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି। ଜିଲା ଯୋଗାଣ ଅଫିସ ଅଧିକାରୀମାନେ ଅଧିକ ଟଙ୍କାନେଇ ମିଲର୍ସଙ୍କୁ ଅଧିକ ଟାର୍ଗେଟ ବଣ୍ଟନ କରୁଥିବା ଅଭିଯୋଗ କରିଛନ୍ତି। ଏନେଇ ଜିଲା ଯୋଗାଣ ଅଧିକାରୀ ତଦନ୍ତ କରାଯିବ ବୋଲି କହିଥିଲେ ସୁଦ୍ଧା ସନ୍ଧ୍ୟା ସୁଦ୍ଧା ଉକ୍ତ ମିଲର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ଶୁକ୍ରବାର ରାତିରେ ଉକ୍ତ ମିଲର୍ସ ଜଣକ ଗୋଦାମରୁ ବେଆଇନ ଧାନ ପାର କରି ଦେଇଥିବା ଆଲୋଚନାର ବିଷୟ ହୋଇଛି। ତେବେ ସମ୍ପୃକ୍ତ ମିଲର୍ସ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ।

## ଚକ୍ଷୁ ପରୀକ୍ଷା ଶିବିର

ଟିଟିଲାଗଡ଼,୭ା୧୨(ସନ୍ତୋଷ ପଟ୍ଟନାୟକ)

ଶନିବାର ଦିନ ଟିଟିଲାଗଡ଼ ରେଳବାଇ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରେଳ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ରଘୁନାଥ ପଣ୍ଡା ଓ ଟିଟିଲାଗଡ଼ ଲିଓନ୍ସ କ୍ଲବ ଅଫ୍ କାଲାସର ମିଳିତ ଆନୁକୂଲ୍ୟରେ ରେଳ ବିଭାଗରେ କାର୍ଯ୍ୟରତ ରେଳବାଇ କର୍ମଚାରୀ ଓ ସେମାନଙ୍କ ସପରିବାର ସଦସ୍ୟଙ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବରେ ବଲାଙ୍ଗୀର ଜିଲା ଟିଟିଲାଗଡ଼ର ଚକ୍ଷୁ ବିଶେଷଜ୍ଞ ଡା. ଅନିତା ହୋତା ଯୋଗଦେଇ ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କ ଚକ୍ଷୁ ଯାଞ୍ଚ କରିଥିଲେ। ଶିବିର ପରିଚାଳନା କରିବାରେ ସ୍ୱାସ୍ଥ୍ୟକେନ୍ଦ୍ରର ତରଣି ଛତ୍ରପାଲ, ଦ୍ରୋଣ ତାଣ୍ଡି, ଚନ୍ଦନ କୁମାର ସାହୁ, ଇନ୍ଦୁ କୁମାରୀ , ପୀତାମ୍ବର ବାଗ ଓ ଲିଓନ୍ସ କ୍ଲବ ଅଫ୍ କାଲାସର ଅସପାକ ଖାଁ, ଆବାସ ଖାଁ ସହଯୋଗ କରିଥିଲେ।

## ଟିଟିଲାଗଡ଼ରେ ହେବ କେନ୍ଦ୍ରୀୟ ବିଦ୍ୟାଳୟ

ଟିଟିଲାଗଡ,୭ା୧୨(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହେବ। ଶୁକ୍ରବାର ଏହାକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ରେଳ ବିଭାଗ ଦ୍ୱାରା ପ୍ରାୟୋଜିତ ଏହି ବିଦ୍ୟାଳୟ ଆସନ୍ତା ଶିକ୍ଷାବର୍ଷରୁ ଆରମ୍ଭ ହେବ ବୋଲି ଜଣାପଡିଛି। ପ୍ରଥମେ ଏହି ବିଦ୍ୟାଳୟ ଟିଟିଲାଗଡସ୍ଥିତ ଧବଳେଶ୍ୱର ବିଦ୍ୟାପୀଠରେ ନୂତନ ସ୍କୁଲ ଗୃହ ନିର୍ମାଣ ପର୍ଯ୍ୟନ୍ତ ଚାଲିବା ନେଇ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗଠାରୁ ଅନୁମତି ପାଇଥିବା ଜଣାପଡିଛି। ଏହି ଖବର ପ୍ରସାରିତ ହେବା ପରେ ଟିଟିଲାଗଡ ବଣିକ ସଂଘ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଓ ବିଧାୟକ ନବୀନ ଜୈନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗୀର,୭ା୧୨(ବୀରେନ୍ଦ୍ର କୁମାର ଝାଙ୍କର)

କଟକ ମୁଣ୍ଡଳିସ୍ଥିତ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ (ଏନଡିଆରଏଫ୍) ପକ୍ଷରୁ ବଲାଙ୍ଗୀର ମହାରାଣୀ ସାଗରରେ ଜନସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ଭାବେ ଏନଡିଆରଏଫ୍ କାର୍ଯ୍ୟ କରିଥାଏ ସେ ନେଇ ସାଧାରଣ ଲୋକ ଓ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଲିକା ସାହୁ, ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଏନଡିଆରଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗୌରବ ଜେଙ୍ଗଟେ, ବଲାଙ୍ଗୀର ପୌର ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ବଲାଙ୍ଗୀର ପୋଲିସ ଡିଏସପି, ଅଗ୍ନିଶମ ଅଧିକାରୀ, ଜିଲା ଜରୁରୀକାଳୀନ ଅଧିକାରୀ ସସ୍ମିତା ପ୍ରଧାନ ଉପସ୍ଥିତ ଥିଲେ। ଏହି ସଚେତନତା ଅଭିଯାନରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଜରୁରୀକାଳୀନ ବିଭାଗ ଓ ମ୍ୟୁନିସିପାଲିଟିର କର୍ମଚାରୀମାନେ ସହଯୋଗ କରିଥିଲେ।


ଏନଡିଆରଏଫ୍ ପକ୍ଷରୁ ବଲାଙ୍ଗୀର ମହାରାଣୀ ସାଗରରେ ଜନସଚେତନତା କାର୍ଯ୍ୟକ୍ରମ ।

## ଦମ୍ପତିଙ୍କୁ ଆକ୍ରମଣ ଘଟଣା,ଅଭିଯୁକ୍ତ ଗିରଫ

ଲୋଇସିଂହା,୭ା୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବଙ୍ଗାବାହାଲ ଗ୍ରାମର ଏକ ଦମ୍ପତିଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଶନିବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରଘୁରାଜ ଗାଡୁଆ(୪୦)। ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନାଧିକାରୀ ଯାଜ୍ଞସେନୀ ନାୟକ କହିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୫ ତାରିଖ ରାତିରେ ଅଭିଯୁକ୍ତ ରଘୁରାଜ ତାଙ୍କ ବାପା ଏବଂ ଭଉଣୀଙ୍କୁ କୌଣସି କାରଣରୁ ଘରୁ ତଡ଼ି ଦେଉଥିଲେ। ଏହାଦେଖି ଅଭିଯୁକ୍ତଙ୍କ ବଡ଼ଭାଇ ରାଜେନ୍ଦ୍ର ଏବଂ ତାଙ୍କ ସ୍ତ୍ରୀ କମଳିନୀ ଯାଇ ପ୍ରତିବାଦ କରିଥିଲେ। ଏଥିରେ ରଘୁରାଜ ଉତକ୍ଷିପ୍ତ ହୋଇ ଉଭୟଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ରାଜେନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ବଲାଙ୍ଗୀର ଡାକ୍ତରଖାନାରୁ ବୁର୍ଲା ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। କମଳିନୀ ଙ୍କ ଅଭିଯୋଗକୁ ଆଧାର କରି ଥାନାରେ ନଂ ୪୦୭।୨୪ରେ ଏକ ମାମଲା ରୁଜୁ ହୋଇଛି।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ


ବାର୍ଷିକ କ୍ରୀଡା ଉଦ୍‌ଯାପନୀ ଉତ୍ସବରେ ଅତିଥି ଓ ଅନ୍ୟମାନେ ।

ପାଟଣାଗଡ,୭ା୧୨(ସଚ୍ଚିଦାନନ୍ଦ ମହାକୁଡ଼)

ପାଟଣାଗଡ ବ୍ଲକ ତମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ତମିଆଁ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲିପ ବେହେରା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ ଷଷ୍ଠରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଉଭୟ ଜୁନିୟର ଓ ସିନିୟର ବିଭାଗରେ ୪୦୫ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ୧୦୦, ୨୦୦, ୪୦୦ ଓ ୮୦୦ ମିଟର ଦୌଡ, ଉଚ୍ଚ ଓ ଲମ୍ବ ଡିଆଁ, ଡିସ୍‌କସ ଥ୍ରୋ , ସାଇକେଲ ସ୍ଲୋ କ୍ରୀଡାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଖେଳ ଶିକ୍ଷକ ଯୁବରାଜ ମେହେର ଓ ସହକାରୀ ଶିକ୍ଷକ ଦେବାଶିଷ ମେହେର ଖେଳ ପରିଚାଳନା କରିଥିଲେ। ପରେ ହେବାକୁ ଥିବା ବାର୍ଷିକ ଉତ୍ସବରେ କୃତି ଖେଳାଳିମାନଙ୍କୁ ପୁରସ୍କୃତ କରାଯିବ ବୋଲି ଖେଳ ଶିକ୍ଷକ ମେହେର ସୂଚନା ଦେଇଛନ୍ତି। ଏଥିରେ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ କର୍ମଚାରୀମାନେ ସହଯୋଗ କରିଥିଲେ।

# ବାଦ୍ ପଡ଼ିଥିବା ସୁଭଦ୍ରା ଆବେଦନକାରୀ ନିରାଶ

**ନିର୍ଦ୍ଧାରିତ ସମୟରେ ସରିଲାନି ତଦନ୍ତ**

ଲୋଇସିଂହା,୭ା୧୨(ସୁଶାନ୍ତ ବାରିକ)

ବିଭିନ୍ନ କାରଣରୁ ସୁଭଦ୍ରା ଯୋଜନାର ବହୁ ସଂଖ୍ୟକ ଆବେଦନକାରୀ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଥିପାଇଁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତକୁ କ୍ଷେତ୍ର ପରିଦର୍ଶନ କରି ଯାଞ୍ଚ କରିବାକୁ ୩ ଜଣିଆ କମିଟି ଗଠନ କରାଯାଇଛି । ଡିସେମ୍ବର ୭ ତାରିଖ ଥିଲା ଯାଞ୍ଚର ଶେଷ ଦିବସ। ନିର୍ଦ୍ଧାରିତ ସମୟ ମଧ୍ୟରେ ମାତ୍ର ୮ଜଣଙ୍କ କ୍ଷେତ୍ର ଯାଞ୍ଚ ହୋଇ ପାରିଛି। ଯାଞ୍ଚ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଆନ୍ତରିକତା ଅଭାବ ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅବହେଳାକୁ ନେଇ ବାଦ୍ ପଡିଥିବା ହିତାଧିକାରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ବଲାଙ୍ଗୀର ଜିଲାପାଳ ଏବଂ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ବିଭାଗର ପତ୍ର ସଂଖ୍ୟା ୨୮୯୩ ନଭେମ୍ବର ୬ ତାରିଖ ଅନୁଯାୟୀ ବ୍ଲକ ପ୍ରଶାସନ ପକ୍ଷରୁ ନଭେମ୍ବର ୧୧ ତାରିଖରେ କ୍ଷେତ୍ର ଯାଞ୍ଚ ପାଇଁ କମିଟି ଗଠନ କରାଯାଇଥିଲା। ଗୋଟିଏ ପଞ୍ଚାୟତ ପାଇଁ ଉକ୍ତ କମିଟିରେ ୩ ଜଣ ରହିଛନ୍ତି। ଲୋଇସିଂହା ପଞ୍ଚାୟତର ୩୯୬ ଜଣ ଆବେଦନକାରୀ ବିଭିନ୍ନ କାରଣରୁ ବାଦ ପଡିଛନ୍ତି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, ଅମିନ ଓ ପିଇଓ କ୍ଷେତ୍ର ଯାଞ୍ଚ ଦାୟିତ୍ୱରେ ରହିଥିଲେ। ପ୍ରାୟ ଗୋଟିଏ ମାସ ମଧ୍ୟରେ ମାତ୍ର ୮ଜଣଙ୍କ ଘରକୁ ଯାଇ ଯାଞ୍ଚ ହୋଇ ପାରିଛି। ଅଦ୍ୟାବଧି ଅବଶିଷ୍ଟ ୩୮୮ ଆବେଦନକାରୀଙ୍କ ଘରେ ଯାଞ୍ଚ ଟିମ୍ ପହଞ୍ଚି ପାରିନାହାନ୍ତି । ସିଡିପିଓ ଗାୟତ୍ରୀ ବାରିକ ଯାଞ୍ଚ ଟିମ୍‌କୁ ଆବଶ୍ୟକ ସହାୟତା ପରେ ମଧ୍ୟ ନିର୍ଦ୍ଧାରିତ ସମୟରେ ନ ସାରିବା ବିଡମ୍ବନା ବୋଲି କହିଛନ୍ତି।

# ୪ ଦାଦନ ଶ୍ରମିକ ଉଦ୍ଧାର, ଦୁଇ ଦଲାଲ ଗିରଫ

ଖପ୍ରାଖୋଲ,୭ା୧୨(ଅଭୟ ତ୍ରିପାଠୀ)




ଶନିବାର ଖପ୍ରାଖୋଲ ପୋଲିସ ପାଟ୍ରୋଲିଂ ବେଳେ ୪ ଜଣ ଦାଦନ ଶ୍ରମିକ ଉଦ୍ଧାର କରିଛନ୍ତି। ଏହାଛଡା ୩ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଶ୍ରମିକ ଚାଲାଣ ଅଭିଯୋଗରେ ୨ ଜଣ ଦଲାଲଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଜଣ ହେଲେ ବେଲପଡ଼ା ଥାନା କୁମାରଖେନ ଗାଁର ଦୁର୍ଯ୍ୟୋଧନ ହଂସ (୨୫) ଓ ଲାଠୋର ଥାନା ଭରୁଆମୁଣ୍ଡା ଗାଁର ଶତ୍ରୁଘ୍ନ ନିଆଲ(୪୪) । ପ୍ରକାଶ ଯେ, ମଧ୍ୟାହ୍ନରେ ପୋଲିସ ପାଟ୍ରୋଲିଂ କଲା ବେଳେ ହରିଶଙ୍କର ଛକ ନିକଟରେ ଶ୍ରମିକମାନଙ୍କୁ ହାଇଦ୍ରାବାଦ ଚାଲାଣ ହେଉଥିବା ଜାଣି ଉଦ୍ଧାର କରିଥିଲା । ସେମାନଙ୍କ ମଧ୍ୟରେ ୩ ଜଣ ପୁରୁଷ ଓ ଜଣେ ମହିଳା ଥିଲେ। ସେମାନଙ୍କ ଘର ସାନାଉଦେନ ଓ ପାଚେର ଗାଁରେ। ସମସ୍ତଙ୍କୁ ନିଜ ଗାଁରେ ଛଡାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ନଂ ୨୮୩/୨୪ ରେ ବିଭିନ୍ନ ଦଫାରେ ମାମାଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି।

# ଶିକ୍ଷକଙ୍କୁ ଟାବଲେଟ ପ୍ରଦାନରେ ବିଳମ୍ବ: ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ

ଲାଠୋର,୭ା୧୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ କେତେଜଣ ଶିକ୍ଷକଙ୍କୁ ଟାବଲେଟ(ମିନି କମ୍ପ୍ୟୁଟର) ପ୍ରଦାନ କରାଯାଇଥିବା ବେଳେ ଆଉ କେତେକ ଶିକ୍ଷକଙ୍କୁ ପ୍ରଦାନ କରାଯାଇନାହିଁ। ଫଳରେ ପିଲାଙ୍କୁ ପାଠ ପଢାଇବା ଓ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଓସେପା ରାଜ୍ୟ ନିର୍ଦ୍ଦେଶକ ତାଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୨୫୮୦ ୨୭ ଅକ୍ଟୋବର ୨୦୨୩ରେ ସମସ୍ତ ଡ଼ିଇଓ କମ୍ ଡ଼ିପିସିମାନଙ୍କୁ ନିଜ ଅଞ୍ଚଳର ସମସ୍ତ ଶିକ୍ଷକଙ୍କୁ ୮ ଇଞ୍ଚର ଟାବଲେଟ ପ୍ରଦାନ କରିବାକୁ ଚିଠି କରିଥିଲେ। ସେହି ଟାବଲେଟରେ ଇ-ଜାଦୁରୀ ପିଟାରା, ଇ-ଲାଇବ୍ରେରୀ, ୟୁଟ୍ୟୁବ ଏବଂ କ୍ଲମ ଆଦି ଆପ୍ ଅପଲୋଡ଼ ହୋଇ ରହିଛି। ଉକ୍ତ ଆପ୍ ଜରିଆରେ ଶିକ୍ଷକମାନେ ସ୍କୁଲ, ଛାତ୍ରୀଛାତ୍ର ତଥା ଶିକ୍ଷକ ପ୍ରୋଫାଇଲ ଅପଡ଼େଟ କରିବେ। ଏଫଏଲଏନ ଶ୍ରେଣୀରେ ଶିକ୍ଷାଦାନ କରିବା ତଥା ଅପାର ଆଇଡ଼ି ଅପଡ଼େଟ କରିବା, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପରିଚାଳନା କରିବା ଆଦି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ରହିଛି। ପ୍ରତିମାସରେ ଶିକ୍ଷକମାନଙ୍କୁ ଏ ବିଷୟରେ ତାଲିମ ପ୍ରଦାନ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଖପ୍ରାଖୋଲ ବ୍ଲକ ଅଞ୍ଚଳରେ କାର୍ଯ୍ୟରତ କେତେଜଣ ଶିକ୍ଷକଙ୍କୁ ଟାବଲେଟ ପ୍ରଦାନ କରାଯାଇଛି । ଯେଉଁମାନେ ଟାବଲେଟ ପାଇଛନ୍ତି ସେମାନେ ପିଲାଙ୍କ ଶିକ୍ଷାଦାନଠାରୁ ଆରମ୍ଭ କରି ସରକାରୀ କାର୍ଯ୍ୟ ଏଥିରେ ତୁଲାଉଛନ୍ତି। ହେଲେ ଯେଉଁ ଶିକ୍ଷକମାନେ ଏହା ପାଇନାହାନ୍ତି ସେମାନେ ନାନା ସମସ୍ୟା ମଧ୍ୟରେ ପିଲାଙ୍କୁ ପାଠ ପଢାଉଛନ୍ତି । ଏନେଇ ଟାବଲେଟ ବଣ୍ଟନ ଦାୟିତ୍ୱରେ ଥିବା ଖପ୍ରାଖୋଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀଙ୍କୁ ଫୋନରେ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ହେଁ ପ୍ରତିକ୍ରିୟା ମିଳିପାରି ନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ଜୈବିକ ସାର ଉତ୍ପାଦନ ତଥା ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

ଦେଓଗାଁ,୭ା୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଜିପିଏଲଏଫ ଅନ୍ତର୍ଗତ ବାବିଯୋରର ମା' ସନ୍ତୋଷୀ ଆଞ୍ଚଳିକ ମଞ୍ଚ ଦ୍ୱାରା ଜୈବିକ ସାର ଓ ଅର୍କ ଉତ୍ପାଦନ ତଥା ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଅତିଥିବୃନ୍ଦ ବୃକ୍ଷ ଓ ମାଟି ମା'କୁ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ କଲ୍ୟାଣୀ ଓ ଗଙ୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ଆୟୋଜନରେ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡିଶା ଜୀବିକା ମିଶନ ଓ ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି(ଏଫଇଏସ) ସହାୟତାରେ ମାଲିପାଲିଛକଠାରେ ଶନିବାର ଜୈବିକ ସାର ଓ ଅର୍କ ଉତ୍ପାଦନ ତଥା ବିକ୍ରୟ କେନ୍ଦ୍ର ଏବଂ ସ୍ଥାନୀୟ ସାପ୍ତାହିକ ବଜାରଠାରେ ଜୈବିକ ହାଟକୁ ଉଦ୍‌ଘାଟନ କରାଯାଇଥିଲା ।

ସିଆରପିସିଏମ ପୁଷ୍ପାଞ୍ଜଳୀ ସାହୁଙ୍କ ସଭାପତିତ୍ୱରେ ତଥା ଏଫଇଏସର ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇ ରାସାୟନିକ ସାର ତଥା ପ୍ଲାଷ୍ଟିକ ପଦାର୍ଥର ବହୁଳ ପ୍ରୟୋଗ ଦ୍ୱାରା ହେଉଥିବା କ୍ଷତି ଉପରେ ଆଲୋକପାତ କରିବା ସହ ଜୈବିକ ପଦ୍ଧତିକୁ ସମସ୍ତେ ଆପାଣାଇବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଏଫଇଏସର ଗୁଡଭେଲା ବ୍ଲକ ମାଷ୍ଟର ଟ୍ରେନର ଭାଗବତ ନାହାକ ଯୋଗଦେଇ ଜୈବିକ ସାର ପ୍ରସ୍ତୁତି ଓ ପ୍ରୟୋଗବିଧି ତଥା ଉପକାରିତା ଉପରେ କହିଥିଲେ । ସମ୍ମାନିତ ଅତିଥି ଭାବେ ଏଫଇଏସର ଜିଲା ସଂଯୋଜକ ସୁଜିତ କୁମାର ଶତପଥୀ, ଫରେଷ୍ଟର ବ୍ୟାସଦେବ ସାହୁ, ଉଡାର ସରପଞ୍ଚ ପଞ୍ଚମୀ ଦୀପ, ମହଲାଇ ସରପଞ୍ଚ ଚିତ୍ତରଞ୍ଜନ ସାହୁ, କୃଷିବିଭାଗ ଓଭରସିଅର ବିଜୟଲକ୍ଷ୍ମୀ ମିଶ୍ର, ଗ୍ରାମ୍ୟ କୃଷି କର୍ମୀ ତପସ୍ୱିନୀ ନାଏକ, ସନ୍‌ସାଇନ ଫାରମର ପ୍ରଡ୍ୟୁସର କମ୍ପାନୀର ମୁଖ୍ୟ ଶ୍ୟାମସୁନ୍ଦର ସାହୁ, ଉପରଝର କୃଷକସାଥୀ ତଥା ଯୁବ ସଂଗଠକ ରାଧାକାନ୍ତ ପଧାନ, ରାମଚନ୍ଦ୍ର ଶତପଥି, ସମାଜସେବୀ ବୁଦ୍ଧଦେବ ପରୁଆ ପ୍ରମୁଖ ଯୋଗଦେଇ ଜୈବିକ ସାର ତଥା ଅର୍କର ଉପକାରିତା ଉପରେ ମତବ୍ୟକ୍ତ କରିବା ସହ ସଂପୃକ୍ତ କଲ୍ୟାଣୀ ଓ ଗଙ୍ଗା ଏସଏଚଜିର ସଦସ୍ୟାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଏହି ପରିପ୍ରେକ୍ଷୀରେ ଉପସ୍ଥିତ ଅଗ୍ରଣୀ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ନିଜସ୍ୱ ମତପୋଷଣ କରିଥିଲେ। ପରିଶେଷରେ ମାଷ୍ଟର ଟ୍ରେନର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।


ମାଲିପାଲିଛକଠାରେ ଜୈବିକ ସାର ଉତ୍ପାଦନ ଓ ବିକ୍ରୟ କେନ୍ଦ୍ର ଉଦ୍‌ଘାଟନୀ ଉତ୍ସବରେ ଅତିଥିଗଣ ।

## ସଂକ୍ଷେପରେ

### ଖଇର କାଠ ଜବତ, ୨ ଅଟକ

ପଦ୍ମପୁର, ୭।୧୨(ପ୍ରଦୀପ୍ତ ଦାଶ): ପଦ୍ମପୁର ବନାଞ୍ଚଳ ଅଧୀନସ୍ଥ ଜାମୁଟପାଲି-ସାତଖଣ୍ଡି ରାସ୍ତାରେ ଖଇର କାଠ ଗଣ୍ଡି ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି଼୦୯ଇ/୪୨୬୨)କୁ ବନ ବିଭାଗ ପକ୍ଷରୁ ଜବତ କରାଯାଇଛି। ଜବତ ହୋଇଥିବା ପିକ୍‌ଅପ୍‌ରେ ୧୫୦୦କେଜି ଖଇର କାଠ ଗଣ୍ଡି ଥିଲା। ଯାହାର ଆନୁମାନିକ ମୂଲ୍ୟ ଦେଢ ଲକ୍ଷ୍ୟ ଟଙ୍କା ହେବ ବୋଲି କୁହାଯାଇଛି। ଏହି ଘଟଣାରେ ଛିଦ୍ରାପାଲିର ୨ଜଣଙ୍କୁ ଅଟକ ରଖାଯାଇଛି। ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା (ନଂ.ଓଆର ୪୭/୨୦୨୪) ରୁଜୁ ହୋଇଛି। ଏହି ଚଢ଼ାଉରେ ବନ ବିଭାଗର ଡେପୁଟି ରେଞ୍ଜର ସୁଦାମ ଜଗଦଲା, ବଳରାମ ସାହୁ, ରାଜା ଉନସନା, କେଶରଞ୍ଜନ ବୁଡ଼େକ, ମାନ ଠେଟୁଆ ସାମିଲ ହୋଇଥିଲେ।

### ଟ୍ରକ୍-ପିକ୍‌ଅପ୍ ଭ୍ୟାନ୍ ମୁହାଁମୁହିଁ



ବରପାଲି,୭।୧୨(ଚିତ୍ତରଞ୍ଜନ ସାହୁ): ବରପାଲି-ବରଗଡ଼ ଜାତୀୟ ରାଜପଥରେ ଶନିବାର ସକାଳେ ଏକ ଦୁର୍ଘଟଣା ଘଟିଛି। ବରଗଡ଼ ପଟୁ ସାର ନେଇ ବରପାଲି ଆସୁଥିବା ଏକ ଟ୍ରକ୍ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି଼୧୭ୱାଇ/୬୨୮୮) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ପିକ୍‌ଅପ୍ ଡ୍ରାଇଭର ଗୁରୁତର ହୋଇଛନ୍ତି। ତାଙ୍କୁ ବରପାଲି ସରକାରୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବରଗଡ଼ ସ୍ଥାନାନ୍ତର କରାଯାଇଛି। ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ବରପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

### ଆରମ୍ଭ ହୋଇନି ଧାନ ବିକ୍ରି

ପଦ୍ମପୁର,୭।୧୨(ପ୍ରଦୀପ୍ତ ଦାଶ): ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧୀନ ଲଖମରା ସେବା ସମବାୟ ସମିତିର ସରେଇକେଲା ମଣ୍ଡିରେ ଗତ ନଭେମ୍ବର ୨୧ତାରିଖରୁ ୪୧୭୨ ପ୍ୟାକେଟ୍ ଧାନ ପଡିରହିଥିଲେ ମଧ ବିକ୍ରି ହୋଇନାହିଁ। କଟନୀଛଟନୀ ଦାବିରେ ମିଲର୍ସ ମଣ୍ଡିକୁ ଆସୁ ନ ଥିବାରୁ ଆଜି ସୁଦ୍ଧା ଗୋଟିଏ ପ୍ୟାକେଟ ଧାନ ଉଠିନାହିଁ। ତୁରନ୍ତ ଚାଷୀଙ୍କ ଧାନ କିଣାଯାଉ ବୋଲି ଚାଷୀ ପ୍ରତାପ ସାହୁ, ଅଶୋକ ପ୍ରଧାନ, ସୁନୀଲ ପ୍ରଧାନ, ସନ୍ୟାସୀ ମାଝୀ, କୁଳମଣି ବାରିକ, ହାପି ସାହୁ, ତ୍ରିଲୋଚନ ସାହୁ, ତୀର୍ଥ ସାହୁ, ବିକାଶ ସାହୁ ପ୍ରମୁଖ ଦାବି କରିଛନ୍ତି।

### ଚକ୍ଷୁ ପରୀକ୍ଷା ଶିବିର

ଟିଟିଲାଗଡ଼,୭।୧୨(ସନ୍ତୋଷ ପଟ୍ଟନାୟକ) ଶନିବାର ଦିନ ଟିଟିଲାଗଡ଼ ରେଳବାଇ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରେଳ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ରଘୁନାଥ ପଣ୍ଡା ଓ ଟିଟିଲାଗଡ଼ ଡିଲକ୍ସ ଅପ୍ଟିକାଲସର ମିଳିତ ଆନୁକୂଲ୍ୟରେ ରେଳ ବିଭାଗରେ କାର୍ଯ୍ୟରତ ରେଳବାଇ କର୍ମଚାରୀ ଓ ସେମାନଙ୍କ ସପରିବାର ସଦସ୍ୟଙ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବରେ ବଲାଙ୍ଗୀର ଜିଲା ଟିଟିଲାଗଡ଼ର ଚକ୍ଷୁ ବିଶେଷଜ୍ଞ ଡା. ଅନିତା ହୋତା ଯୋଗଦେଇ ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କ ଚକ୍ଷୁ ଯାଞ୍ଚ କରିଥିଲେ। ଶିବିର ପରିଚାଳନା କରିବାରେ ସ୍ୱାସ୍ଥ୍ୟକେନ୍ଦ୍ରର ତରଣି ଛତ୍ରପାଲ, ସହଯୋଗ କରିଥିଲେ।

### ବେଲପଡ଼ା ରାଇସ ମିଲରେ ବେଆଇନ ଧାନ

ବଲାଙ୍ଗୀର,୭।୧୨(ବୀରେନ୍ଦ୍ର କୁମାର ଝାଙ୍କର): ଅଗ୍ରଣୀ ଚାଷୀ ସଙ୍ଗଠନ ଭାରତୀୟ କିଷାନ ୟୁନିୟନ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦରଖାସ୍ତ ଦିଆଯାଇ ବେଲପଡା ଅଞ୍ଚଳର ଅନନ୍ତ ପେଡି ପ୍ରୋସେସିଂ ପ୍ରାଇଭେଟ୍ ଲିମିଟେଡ୍‌ର ରାଇସ୍ ମିଲ ଗୋଦାମରେ ବେଆଇନ ଧାନ ମହଜୁଦ ଥିବା ଅଭିଯୋଗ କରାଯାଇଛି। ଶନିବାର ମିଲର୍ସମାନେ ମଧ ସମାନ ଅଭିଯୋଗ ଆଣିଛନ୍ତି। ଜିଲା ଯୋଗାଣ ଅଫିସ ଅଧିକାରୀମାନେ ଅଧିକ ଟଙ୍କାନେଇ ମିଲର୍ସଙ୍କୁ ଅଧିକ ଟାର୍ଗେଟ ବଣ୍ଟନ କରୁଥିବା ଅଭିଯୋଗ କରିଛନ୍ତି। ଏନେଇ ଜିଲା ଯୋଗାଣ ଅଧିକାରୀ ତଦନ୍ତ କରାଯିବ ବୋଲି କହିଥିଲେ ସୁଦ୍ଧା ସନ୍ଧ୍ୟା ସୁଦ୍ଧା ଉକ୍ତ ମିଲର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ଶୁକ୍ରବାର ରାତିରେ ଉକ୍ତ ମିଲର୍ସ ଜଣକ ଗୋଦାମରୁ ବେଆଇନ ଧାନ ପାର କରି ଦେଇଥିବା ଆଲୋଚନାର ବିଷୟ ହୋଇଛି। ତେବେ ସମ୍ପୃକ୍ତ ମିଲର୍ସ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।



ଶନିବାର ବରଗଡ଼ ଗାନ୍ଧୀଛକରେ ଚାଷୀମାନେ ଧାରଣା ଦେଇଛନ୍ତି।

# ଧାନ କିଣାବିକାରେ ଅବ୍ୟବସ୍ଥା, ଚାଷୀଙ୍କ ଧାରଣା

ବରଗଡ଼, ୭।୧୨(ପ୍ରେମାନନ୍ଦ ଖମାରୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରବିବାର ବରଗଡ଼ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ସେ ତାଙ୍କର ଏହି ଗସ୍ତରେ ସୋହେଲା ବ୍ଲକ ଇଚ୍ଛାପୁରରେ ଆୟୋଜନ ହେବାକୁ ଥିବା କାର୍ଯ୍ୟକ୍ରମରେ ଚାଷୀଙ୍କୁ ଧାନ କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା ଲେଖାଏଁ ଇନ୍‌ପୁଟ ସବ୍‌ସିଡି ପ୍ରଦାନର ଶୁଭାରମ୍ଭ କରିବେ। ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ପୂର୍ବରୁ ଜିଲାର ଚାଷୀମାନେ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାରେ ଲାଗି ରହିଥିବା ଅବ୍ୟବସ୍ଥାର ପ୍ରତିବାଦ କରିଛନ୍ତି। ଏହି କ୍ରମରେ ଶନିବାର ପୂର୍ବାହ୍ନ ୧୦ଟାରୁ ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନ ନେତୃତ୍ୱରେ ବରଗଡ଼ ଗାନ୍ଧୀଛକ ସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଆଗରେ ଧାରଣା ଦେଇଛନ୍ତି। ଛତିଶଗଡ଼ ଧାନ ମଣ୍ଡିଗୁଡିକରେ ବିନା ଡିଜିଟାଲ ଆନାଇଜର ମେଶିନ ବ୍ୟବହାରରେ ସୁରୁଖୁରୁରେ ଧାନ ସଂଗ୍ରହ ଚାଲିଛି। କିନ୍ତୁ ଓଡିଶାର ଧାନମଣ୍ଡି ଗୁଡିକରେ ଏଥର କାହା ସ୍ୱାର୍ଥରେ ପ୍ରଥମଥର ପାଇଁ ଡିଜିଟାଲ ଆନାଲାଇଜର ମେଶିନ ବସାଯାଇଛି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିକୁ କ୍ଷମତାଶୂନ୍ୟ କରିଦିଆଯାଇ ଥିବାବେଳେ ମିଲର୍ସଙ୍କ ମର୍ଜିରେ କଟନୀଛଟନୀ ହୋଇ ଧାନ କିଣାବିକା ଚାଲିଛି ବୋଲି ଚାଷୀ ସଙ୍ଗଠନ ଅଭିଯୋଗ କରିଛି। ଏହି ସମସ୍ୟା ଗୁଡିକର ସମାଧାନ ଦିଗରେ କେଉଁ ପଦକ୍ଷେପ ନେବେ, ବରଗଡ଼ ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ତାର ଜବାବ ରଖନ୍ତୁ ବୋଲି ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନ ଆହ୍ୱାନ ଦେଇଛି। ବରିଷ୍ଠ ଚାଷୀନେତା ଶିବ ପ୍ରସାଦ ପ୍ରଧାନ, ଜୟ କିଷାନ ଆନ୍ଦୋଳନ ସଭାପତି ସୁଶିଲ ସାହୁ, ସମ୍ପାଦକ ହର ବଣିଆଁ ପ୍ରମୁଖ ଧାରଣାରେ ନେତୃତ୍ୱ ନେଇଥିଲେ।



ପଦ୍ମପୁର ଉପଖଣ୍ଡ ଝାଞ୍ଜି ପାହାଡ ଅଞ୍ଚଳର ଚାଷଜମିରେ ହାତୀ।

## ଝାଞ୍ଜି ପାହାଡ଼ ଅଞ୍ଚଳରେ ହାତୀପଲ

ପଦ୍ମପୁର, ୭।୧୨(ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡର ଝାଞ୍ଜି ପାହାଡ଼ ଅଞ୍ଚଳରେ ୨୮ ଟିକିଆ ହାତୀପଲ ବୁଲୁଛନ୍ତି। ହାତୀଙ୍କ ଉପସ୍ଥିତି ଯୋଗୁ ଦୁଇ ସପ୍ତାହରୁ ଅଧିକ ହେବ ଅଞ୍ଚଳରେ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ଫଳରେ ସେମାନେ ଅନ୍ଧାରରେ ଜୀବନଯାପନ କରୁଛନ୍ତି। ଏହି ହାତୀପଲ ଅନେକ ଚାଷୀଙ୍କ ଫସଲ ନଷ୍ଟ କରିଥିବା ଜଣାପଡିଛି। ତେବେ କ୍ଷୟକ୍ଷତି ଆକଳନ କରି ତୁରନ୍ତ ଚାଷୀଙ୍କୁ କ୍ଷତିପୂରଣ ସହ ବିଦ୍ୟୁତ ସେବା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଟିଟିଲାଗଡ଼ରେ ହେବ କେନ୍ଦ୍ରୀୟ ବିଦ୍ୟାଳୟ

ଟିଟିଲାଗଡ,୭।୧୨(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହେବ। ଶୁକ୍ରବାର ଏହାକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ରେଳ ବିଭାଗ ଦ୍ୱାରା ପ୍ରାୟୋଜିତ ଏହି ବିଦ୍ୟାଳୟ ଆସନ୍ତା ଶିକ୍ଷାବର୍ଷରୁ ଆରମ୍ଭ ହେବ ବୋଲି ଜଣାପଡିଛି। ପ୍ରଥମେ ଏହି ବିଦ୍ୟାଳୟ ଟିଟିଲାଗଡସ୍ଥିତ ଧବଳେଶ୍ୱର ବିଦ୍ୟାପୀଠରେ ନୂତନ ସ୍କୁଲ ଗୃହ ନିର୍ମାଣ ପର୍ଯ୍ୟନ୍ତ ଚାଲିବା ନେଇ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗଠାରୁ ଅନୁମତି ପାଇଥିବା ଜଣାପଡିଛି। ଏହି ଖବର ପ୍ରସାରିତ ହେବା ପରେ ଟିଟିଲାଗଡ ବଣିକ ସଂଘ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଓ ବିଧାୟକ ନବୀନ ଜୈନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସେତୁ ଓ ରାସ୍ତା କାର୍ଯ୍ୟ ସାରିବା ଉପରେ ଗୁରୁତ୍ୱ

ବୌଦ୍ଧ,୭।୧୨( ଅଜିତ କୁମାର ବାରିକ)

**ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ବୌଦ୍ଧ ଗସ୍ତ**

ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଶନିବାର ଦିନ ବୌଦ୍ଧ ଜିଲା ଗସ୍ତ କରି ଗ୍ରାମ୍ୟ ଉନ୍ନୟନ ବିଭାଜନ ବିଭାଗ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସଚିବ ସିଂହ ସେତୁ ବନ୍ଧ ଯୋଜନା ଅଧୀନରେ ନିର୍ମାଣାଧୀନ ଥିବା ୧୪ ଗୋଟି ସେତୁ , ରାଜ୍ୟ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ୧୩ ଗୋଟି ରାସ୍ତା ଓ ଦୀର୍ଘମିଆଦି ଭିତ୍ତିଭୂମି ନିର୍ମାଣ ପାଇଁ ସ୍ୱତନ୍ତ୍ର ଅନୁଦାନରେ ଚାଲୁଥିବା ୭ ଗୋଟି ରାସ୍ତା ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହାସହ ୨୦୨୪-୨୫ ବର୍ଷରେ ନିର୍ମାଣ ହେବାକୁ ଥିବା ସେତୁ ଓ ରାସ୍ତାର ଡିପିଆର ପ୍ରସ୍ତୁତି ଦିଗରେ ମଧ ସମୀକ୍ଷା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସଡକ ଯୋଜନା, ପ୍ରଧାନମନ୍ତ୍ରୀ ସଡକ ଯୋଜନା ପ୍ରକଳ୍ପ ବିଷୟରେ ଆଲୋଚନା ହୋଇଥିଲା। ନିର୍ମାଣାଧୀନ ଥିବା ସେତୁ ଓ ରାସ୍ତା କାର୍ଯ୍ୟ ତୁରନ୍ତ ସାରିବାକୁ ସଚିବ ସିଂହ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଚିବଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ଅଧୀକ୍ଷଣ ଯନ୍ତ୍ରୀ ସୁଧାକାର ନାଏକ, ଉପବିଭାଜନ ଅଧିକାରୀ ସାଗୁ ନାଏକ ଓ ବିଦ୍ୟାଧାର ମହାନ୍ତି ସାମିଲ ହୋଇ ପ୍ରକଳ୍ପ କାର୍ଯ୍ୟଗୁଡିକ ଉପରେ ଅବଗତ କରାଇଥିଲେ ।

## ଗଞ୍ଜେଇ ଗଛ କାଟି ନଷ୍ଟ କଲା ପୋଲିସ

ବାଉଁଶୁଣୀ,୭।୧୨(ଦେବାଶିଷ ନେପାକ)

ଶନିବାର ବୌଦ୍ଧ ପୋଲିସ ଝାରମୁଣ୍ଡା ଗ୍ରାମ ନିକଟ ଜଙ୍ଗଲରେ ଚଢାଉ କରି ସେଠାରେ ବେଆଇନ ଭାବେ ଚାଷ ହୋଇଥିବା ଗଞ୍ଜେଇ ଗଛ ନଷ୍ଟ କରିଥିବା ସୂଚନା ମିଳିଛି । ଚଢାଉରେ ପୋଲିସ କର୍ମଚାରୀମାନଙ୍କ ସମେତ ରାଜସ୍ୱ ଓ ବନ ବିଭାଗ କର୍ମଚାରୀମାନେ ସାମିଲ ଥିଲେ।

## ୪ ଦାଦନ ଶ୍ରମିକ ଉଦ୍ଧାର, ଦୁଇ ଦଲାଲ ଗିରଫ

ଖପ୍ରାଖୋଲ,୭।୧୨(ଅଭୟ ତ୍ରିପାଠୀ)

ଶନିବାର ଖପ୍ରାଖୋଲ ପୋଲିସ ପାଟ୍ରୋଲିଂ ବେଳେ ୪ ଜଣ ଦାଦନ ଶ୍ରମିକ ଉଦ୍ଧାର କରିଛନ୍ତି। ଏହାଛଡା ୩ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଶ୍ରମିକ ଚାଲାଣ ଅଭିଯୋଗରେ ୨ ଜଣ ଦଲାଲଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଜଣ ହେଲେ ବେଲପଡ଼ା ଥାନା କୁମାରଖେନ ଗାଁର ଦୁର୍ଯ୍ୟୋଧନ ହଂସ (୨୫) ଓ ଲାଠୋର ଥାନା ଭରୁଆମୁଣ୍ଡା ଗାଁର ଶତୃଘ୍ନ ନିଆଲ(୪୪) । ପ୍ରକାଶ ଯେ, ମଧ୍ୟାହ୍ନରେ ପୋଲିସ ପାଟ୍ରୋଲିଂ କଲା ବେଳେ ହରିଶଙ୍କର ଛକ ନିକଟରେ ଶ୍ରମିକମାନଙ୍କୁ ହାଇଦ୍ରାବାଦ ଚାଲାଣ ହେଉଥିବା ଜାଣି ଉଦ୍ଧାର କରିଥିଲା । ସେମାନଙ୍କ ମଧ୍ୟରେ ୩ ଜଣ ପୁରୁଷ ଓ ଜଣେ ମହିଳା ଥିଲେ। ସେମାନଙ୍କ ଘର ସାନାଉଦେନ ଓ ପାଚେର ଗାଁରେ। ସମସ୍ତଙ୍କୁ ନିଜ ଗାଁରେ ଛଡାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ନଂ ୨୮୩/୨୪ ରେ ବିଭିନ୍ନ ଦଫାରେ ମାମାଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି।

## ୮ରୁ ଚତୁର୍ଥ ପଦ୍ମପୁର ଲୋକ ମହୋତ୍ସବ, ବାଣିଜ୍ୟ ମେଳା




ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ସଦସ୍ୟ।

ପଦ୍ମପୁର,୭।୧୨(ପ୍ରଦୀପ୍ତ ଦାଶ)

ଚତୁର୍ଥ ପଦ୍ମପୁର ଲୋକ ମହୋତ୍ସବ ଓ ବାଣିଜ୍ୟ ମେଳା ଆସନ୍ତା ୮ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ଆୟୋଜକ ଟାଉନ କ୍ଲବ ସଭାଗୃହରେ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବର କର୍ମକର୍ତ୍ତାମାନେ ଯୋଗଦେଇ ସୂଚନା ଦେଇ କହିଥିଲେ, ୮ତାରିଖ ସକାଳୁ ଗଣଦୌଡ଼ ସହ ମହୋତ୍ସବ ଆରମ୍ଭ ହେବ। ୯ ତାରିଖରୁ ସ୍ଥାନୀୟ ଅଶୋକ ପଡିଆରେ ବାଣିଜ୍ୟ ମେଳା ଆରମ୍ଭ କାର୍ଯ୍ୟକ୍ରମ ରହିଛି। ୧୨ରେ ଝୋଟି ଓ ମୁରୁଜ ପ୍ରତିଯୋଗିତା, ୧୭ ତାରିଖ ସନ୍ଧ୍ୟାରେ ସାଂସ୍କୃତିକ ଶୋଭାଯାତ୍ରା କରାଯିବ। ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଟାଉନ କ୍ଲବ ସଭାପତି ପ୍ରିତେଶ ବହିଦାର, ଆବାହକ ଅଶୋକ ମିଶ୍ର, ସମ୍ପାଦକ କୁନାଲ ପାଣିଗ୍ରାହୀ, ନାଟ୍ୟକାର ଅଶୋକ ବହିଦାର, ଆଇନଜୀବୀ ହରି ସିଂ, ଆଇନଜୀବୀ ଆଦିତ୍ୟ ରଥ, ସରୋଜ ମିଶ୍ର, ରାଜେଶ ଗୁର୍ଲା, ନାରାୟଣ ପୁରୋହିତ, ରମେଶ ଗୁର୍ଲା ପ୍ରମୁଖ ମଞ୍ଚାସୀନ ଥିଲେ ।

## ହନୁମାନ ମୂର୍ତ୍ତି ସ୍ଥାପନ ପାଇଁ ଶୁଭସ୍ତମ୍ଭ



ଶୁଭସ୍ତମ୍ଭ ସ୍ଥାପନ ପାଇଁ ସଂକୀର୍ତ୍ତନ କରାଯାଉଛି।

ବରପାଲି,୭।୧୨(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କୁମ୍ଭାରୀର କାଳେଶ୍ୱର ମନ୍ଦିର ସମ୍ମୁଖ ବନ୍ଧହିଡରେ ୪୦ ଫୁଟ୍ ଉଚ୍ଚତା ବିଶିଷ୍ଟ ରୁଦ୍ରାବତାର ହନୁମାନ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏହାର ପ୍ରତିଷ୍ଠା ମହୋତ୍ସବ ୨୦୨୫ ଫେବୃୟାରୀ ୨୮ରୁ ଆରମ୍ଭ ହେବ ବୋଲି କାଳେଶ୍ୱର ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଶନିବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ସହ ପ୍ରତିଦିନ ପୂଜାପାଠ, ପାରାୟଣ, ନାମଯଜ୍ଞ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଭଗବାନ ମିଶ୍ର, ଶରତ ପଧାନ, ମଳୟ ମିଶ୍ର, ସଦାନନ୍ଦ ସାହୁ, ସୁବାସ ସାହୁ, କେଦାର ସାହୁ, ଭାଗୀରଥି ମହାପାତ୍ର, ହରିଶ୍ଚନ୍ଦ୍ର ସାହୁ, ରବୀନ୍ଦ୍ର ଭୋଇ, ରାଜୀନ୍ଦ୍ର ଭୋଇ, ରାଧାକାନ୍ତ ପଧାନ, ଝଗଡୁ ସାହୁ ଓ ଲକ୍ଷ୍ମଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀଅରବିନ୍ଦ ସ୍କୁଲରେ ବାର୍ଷିକ କ୍ରୀଡ଼ୋତ୍ସବ

ପଦ୍ମପୁର,୭।୧୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ଅଦିତି ବିହାର ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୨୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ୋତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ପ୍ରୀତିରଞ୍ଜନ ପ୍ରଧାନ, ମନୋଜ ପଣ୍ଡା, ରଘୁମଣି ପୁରୋହିତ, ଆଦିତ୍ୟ ରଥ, ଦିଲୀପ ସାହୁ ଓ ପ୍ରକାଶ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଖେଳ ଶିକ୍ଷକ କେଶବ ପ୍ରଧାନଙ୍କ ତତ୍ତ୍ୱାବଧାନ ଏବଂ ପ୍ରଶାସକ ଭରତ ସାହୁଙ୍କ ମାର୍ଗଦର୍ଶନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ମେଡାଲ ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସନାତନ ବାରିକ, ସୁରେନ୍ଦ୍ର ବଡ଼ଗୁଛିଆ, ସନ୍ତୋଷ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଅଧକ୍ଷା ଅଲାଦିନୀ ଦଲାଇ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନଙ୍କ ଗହଣରେ ଶିକ୍ଷକ ଓ ଛାତ୍ରୀଛାତ୍ର।

## ଦୁର୍ଘଟଣାରେ ଯୁବକ ମୃତ, କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ସରଣ୍ଡା, ୭।୧୨(ଯୁଧିଷ୍ଠିର ମହାପାତ୍ର )

ବରଗଡ଼ ଜିଲା ଅତାବିରା ଥାନା ଅଧୀନ ଦେବହାଲ ଶୁକୁଟାପାଲି ମହାଦେବ ମନ୍ଦିର ନିକଟ ସମ୍ବଲପୁର-ବରଗଡ଼ ୫୩ ନଂ. ଜାତୀୟ ରାଜପଥରେ ଶନିବାର ଏକ ଦୁର୍ଘଟଣା ଘଟିଛି। ରାସ୍ତାରେ ଛିଡା ହୋଇଥିବା ଏକ ଟ୍ରେଲରରେ ବାଇକ୍ ପିଟି ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଶୁଶିଲ ଦୀପ (୨୩)। ଏଥିରେ ଅନ୍ୟ ଜଣେ ଆହତ ହୋଇଛନ୍ତି। ତାଙ୍କୁ ବରଗଡ଼ ଡାକ୍ତରଖାନାକୁ ପଠାଯାଇଛି। ଅନ୍ୟପକ୍ଷେ କ୍ଷତିପୂରଣ ଦାବିରେ ପରିବାର ଓ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ଅତାବିରା ତହସିଲଦାର କେ. ରିଚି କୁମାର, ଅତିରିକ୍ତ ତହସିଲଦାର ଅଙ୍କିତ ପଣ୍ଡା, ଥାନାଧିକାରୀ ସୁକୁମାର ତ୍ରିପାଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଜିଲା ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା, ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା, ଇନ୍ସୁରାନ୍ସରେ ସହାୟତା ସହ ପରିବାରର ଜଣଙ୍କୁ ସରକାରୀ ଚାକିରି ପାଇଁ ବରଗଡ଼ ଜିଲାପାଳଙ୍କ ସହ ଆଲୋଚନା କରାଯିବା ନେଇ ପ୍ରତିଶ୍ରୁତି ମିଳିବା ପରେ ରାତି ୯ଟା ୪୫ରେ ରାସ୍ତାରୋକୋ ହଟିଥିଲା । ସୂଚନା ଅନୁସାରେ, ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଅତାବିରା ବ୍ଲକ ଜହ୍ନାପଡ଼ା ଗ୍ରାମର ଶୁଶିଲ ଦୀପ(୨୩) ଏବଂ ଈଶ୍ୱର ମୂଳଚୁଲିଆ(୨୨) ଏକ ବାଇକ୍ (ନଂ.ଓଡି଼୧୭ଭି/୬୮୨୫) ଯୋଗେ ବରଗଡ଼ ଯାଉଥିଲେ। ଶୁକୁଟାପାଲି ଶିବମନ୍ଦିର ପାଖ ଜାତୀୟ ରାଜପଥ ପାର୍ଶ୍ୱରେ ଖରାପ ହୋଇ ଅଟକିଥିବା ଏକ ଟ୍ରେଲର (ନଂ.ସିଜି୦୭ଡିଟି/୮୪୮୬) ପଛପଟେ ବାଇକଟି ଧକ୍କା ହୋଇଥିଲା। ଫଳରେ ଚାଳକ ଶୁଶିଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହା ଜଣାପଡିବା ପରେ ମୃତକଙ୍କ ପରିବାର ଏବଂ ଗ୍ରାମବାସୀ ଘଟଣାସ୍ଥଳରେ ରାସ୍ତାରୋକୋ କରିଥିଲେ।



ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ଅବରୋଧ କରିଛନ୍ତି।

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଗୃହରକ୍ଷୀଙ୍କ ମୃତ୍ୟୁ

**ବଡ଼ଗାଁ, ୭।୧୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଟିକିଲିପଡା ଗାଁ ନିକଟ ରାଜ୍ୟ ରାଜପଥରେ ଏକ ଅଜଣା ଗାଡ଼ି ଧକ୍କାରେ ବଡ଼ଗାଁ ଥାନାରେ କାର୍ଯ୍ୟରତ ଜାମବାହାଲ ଗ୍ରାମର ଗୃହରକ୍ଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଇସମାଇଲ ସଏ (୫୨)। ସୂଚନାଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଇସମାଇଲ ସାଇକେଲରେ ବଡ଼ଗାଁ ଥାନାକୁ ଆସୁଥିବା ବେଳେ ତାଙ୍କୁ ଟିକିଲିପଡା ଗାଁ ନିକଟ ରାଜପଥରେ କୌଣସି ଏକ ଭାରିଯାନ ଧକ୍କା ଦେବାରୁ ରାସ୍ତା ପାର୍ଶ୍ୱକୁ ଛିଟିକି ପଡ଼ିଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାର ତଦନ୍ତ କରୁଛି।

### ତାଲା ଭାଙ୍ଗି ଘରୁ ଚୋରି

**ବଡ଼ଗାଁ,୭।୧୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଭୋଇପାଲି ପଞ୍ଚାୟତ କାର୍ଯ୍ୟାଳୟ ନିକଟ ରାସ୍ତା ପାର୍ଶ୍ୱରେ ଥିବା ଦେବେନ୍ଦ୍ର ଦାସଙ୍କ ଘରୁ ଶୁକ୍ରବାର ଦ୍ୱିପହରରେ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ସୂଚନାଅନୁଯାୟୀ,ଦେବେନ୍ଦ୍ର ସପରିବାର ଏକ ବିବାହ କାର୍ଯ୍ୟରେ ଯୋଗ ଦେବାକୁ ଜରଙ୍ଗଲୋଇ ଯାଇଥିଲେ। ଏହାର ସୁଯୋଗରେ ଚୋର ଦଳ ଦିନ ଦ୍ୱିପହରରେ ତାଙ୍କ ଘର ତାଲା ଭାଙ୍ଗି ୩ ହଳ ରୁପା ପାଉଁଜି ଓ ୧୧ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରି ନେଇଛନ୍ତି। ଏହି ଘଟଣା ସମ୍ପର୍କରେ ସେ ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ରାମରଥରେ ଅଗ୍ନିକାଣ୍ଡ ଘଟଣା: ତଦନ୍ତ ଆରମ୍ଭ

**ବନ୍ଧମୁଣ୍ଡା,୧୨।୭(ସୁବ୍ରତ ଦେ) :** ବନ୍ଧମୁଣ୍ଡା ଶିତଳନଗରଠାରେ ଛିଡ଼ା ହୋଇଥିବା ଗୋଟିଏ ରାମରଥରେ ଶୁକ୍ରବାର ସନ୍ଧ୍ୟାରେ ନିଆଁ ଲାଗିଯାଇଥିଲା। ବନ୍ଧମୁଣ୍ଡା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀଙ୍କ ଉପସ୍ଥିତିରେ ରାଉରକେଲା ଫୋରେନ୍‌ସିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗ ଉପରେ ତଦନ୍ତ ଆରମ୍ଭ କରିଛି।

### ଏସ୍. କେ. ଡିଏଭି ପଲିଟେକ୍‌ନିକ୍‌ର ବାର୍ଷିକୋତ୍ସବ ପାଳିତ
### ଛାତ୍ର ଜୀବନରେ ଭବିଷ୍ୟତ ସ୍ୱପ୍ନ ନେଇ ପଢିବାକୁ ଆହ୍ୱାନ



**ରାଉରକେଲା,୭।୧୨(ଦିନେଶ ମିଶ୍ର):** ବାସନ୍ତୀ କଲୋନୀ ସ୍ଥିତ ଏସ୍. କେ. ଡିଏଭି ପଲିଟେକ୍‌ନିକ୍‌ର ବାର୍ଷିକୋତ୍ସବ–୨୦୨୪ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭବିଷ୍ୟତ ଜୀବନକୁ ଲକ୍ଷ୍ୟ କରି ଛାତ୍ର ଜୀବନରେ ଭଲ ପାଠ ପଢ଼ିବାକୁ ଆହ୍ୱାନ ଦେଇଥିଲେ। କଲେଜର ଛାତ୍ର ଉପଦେଷ୍ଟା ଅଧ୍ୟାପକ ରୀନା ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ କଲେଜର ଛାତ୍ରୀଛାତ୍ରଙ୍କ ଦ୍ୱାରା ସମ୍ବଲପୁରୀ ଓ ଓଡିଶୀ ନୃତ୍ୟ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟାପିକା ପ୍ରେମଲତା କୁଜୁର ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପିକା ସୌମ୍ୟା ସାହୁ, ଷ୍ଟେଲା କୁଜୁର, ଶୁଭଶ୍ରୀ ଜେନା ପ୍ରମୁଖ ସହଯୋଗ କରିଥିଲେ। କଲେଜର ଆଥଲେଟିକ୍ ଆସୋସିଏଶନ ଉପସଭାପତି ସ୍ମରଣିକା ସୁନ୍ଦରରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ଗଞ୍ଜେଇ ଗଛ କାଟି ନଷ୍ଟ କଲା ପୋଲିସ

**ବାଉଁଶୁଣୀ,୭।୧୨(ଦେବାଶିଷ ନେପାକ):** ଶନିବାର ବୌଦ୍ଧ ପୋଲିସ ଝାରମୁଣ୍ଡା ଗ୍ରାମ ନିକଟ ଜଙ୍ଗଲରେ ଚଢାଉ କରି ସେଠାରେ ବେଆଇନ ଭାବେ ଚାଷ ହୋଇଥିବା ଗଞ୍ଜେଇ ଗଛ ନଷ୍ଟ କରିଥିବା ସୂଚନା ମିଳିଛି । ଚଢାଉରେ ପୋଲିସ କର୍ମଚାରୀମାନଙ୍କ ସମେତ ରାଜସ୍ୱ ଓ ବନ ବିଭାଗ କର୍ମଚାରୀମାନେ ସାମିଲ ଥିଲେ।



ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଓସିଏଲ ଏକଜିକ୍ୟୁଟିଭ ଆସୋସିଏଶନ ପକ୍ଷରୁ ପୌରପାଳିକା କାର୍ଯ୍ୟାଳୟ ଘେରାଉ

**ରାଜଗାଙ୍ଗପୁର, ୭।୧୨(ଅଶୋକ ପାଣି)**

ଡାଲମିଆ ସିମେଣ୍ଟ(ଭାରତ) ଲିମଟେଡକୁ ଦିଆଯାଇଥିବା ଆପତ୍ତିବିହୀନ ପ୍ରମାଣପତ୍ର(ଏନଓସି) ନିଷ୍ପତ୍ତି ବିରୋଧରେ ଓସିଏଲ ଏକଜିକ୍ୟୁଟିଭ ଆସୋସିଏଶନ ପକ୍ଷରୁ ଶନିବାର ପୌରପାଳିକା କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଓସିଏଲ ଏକଜିକ୍ୟୁଟିଭ ଆସୋସିଏଶନର ସାଧାରଣ ସମ୍ପାଦକ କହିଛନ୍ତି, ଏନଓସି ରଦ୍ଦ ହେବା କେବଳ କମ୍ପାନୀ ପାଇଁ ନୁହେଁ, ହଜାର ହଜାର ସ୍ଥାନୀୟ ଶ୍ରମିକ, ଏକଜିକ୍ୟୁଟିଭ, ବ୍ୟବସାୟୀ ତଥା ତାଙ୍କ ପରିବାର ପାଇଁ ମଧ୍ୟ ଏକ ଗୁରୁତର ସଙ୍କଟ ସୃଷ୍ଟି କରିବ। ଏହି ପ୍ରକଳ୍ପ ବନ୍ଦ ହେବା ଦ୍ୱାରା ସେମାନଙ୍କ ଜୀବିକା ନଷ୍ଟ ହେବ। କନଭେୟର ବେଲ୍ଟ ବ୍ରିଜ ବିନା କାରଖାନା ଚଳାଇବା କଷ୍ଟସାଧ୍ୟ ହେବ ଏବଂ ଏନଓସି ବାତିଲ ହେଲେ ହଜାର ହଜାର ଶ୍ରମିକ ଏବଂ ସେମାନଙ୍କ ପରିବାର ଉପରେ ଗୁରୁତର ପ୍ରଭାବ ପଡିବ ବୋଲି ସଂଘ କହିଛି। ଯଦି ଆପତ୍ତିବିହୀନ ପ୍ରମାଣପତ୍ର ଶୀଘ୍ର ପୁନଃ ସ୍ଥାପିତ ନହୁଏ ତେବେ ଆନ୍ଦୋଳନ ତୀବ୍ରତର ହେବ। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ରୋଜଗାର ନିମନ୍ତେ ଆମେ କେବଳ କମ୍ପାନୀ ଉପରେ ନିର୍ଭରଶୀଳ। କମ୍ପାନୀ ରାଜଗାଙ୍ଗପୁରର ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଯୋଗାଉଛି ଏବଂ ନିକଟସ୍ଥ ପାରିପାର୍ଶ୍ୱିକ ଅଞ୍ଚଳରେ ସ୍ଥାନୀୟ ସମ୍ପ୍ରଦାୟର ଉନ୍ନତି ପାଇଁ ପ୍ରୟାସ କରି ରାଜଗାଙ୍ଗପୁର ଲୋକଙ୍କ ଦାୟିତ୍ୱ ମଧ୍ୟ ପୂରଣ କରୁଛି। କମ୍ପାନୀ ମଧ୍ୟ ଅନେକ ଆୟ ଉପାର୍ଜନ ପଦକ୍ଷେପ ଯଥା ଚାଷ, ପନିପରିବା ଉତ୍ପାଦନ, ଷ୍ଟିଚିଂ ମେଶିନ ଚଳାଇବା ଆଦି ଦ୍ୱାରା ସ୍ଥାନୀୟ ଲୋକଙ୍କୁ ସ୍ୱାବଲମ୍ବୀ କରିବାପାଇଁ ଏହାର ଶିକ୍ଷାନୁଷ୍ଠାନ ଡାଲମିଆ ବିଦ୍ୟାମନ୍ଦିର (ଡିଭିଏମ) ଏବଂ ଡାଲମିଆ ଶିଳ୍ପ ତାଲିମ କେନ୍ଦ୍ର (ଡିଆଇଟିଆଇ) ରେ ପଞ୍ଜିକରଣ କରିବାକୁ ସକ୍ରିୟ ଭାବେ ଉତ୍ସାହିତ କରୁଛି। ଏହି ପରିପ୍ରେକ୍ଷୀରେ ଏକଜିକ୍ୟୁଟିଭମାନେ ଆପତ୍ତିବିହୀନ ପ୍ରମାଣପତ୍ର (ଏନଓସି) ରଦ୍ଦ କରିବା ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଭିକ୍ଟର ସରେଙ୍ଗଙ୍କୁ ଦାବି କରି ଦାବିପତ୍ର ପ୍ରଦାନ କରିଥିଲେ ।

**ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ**



ବାର୍ଷିକ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର।

# ଲେଫ୍ରିପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ସୁନ୍ଦରଗଡ଼,୭।୧୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶ୍ୟାମାରାଣୀ ଦଣ୍ଡସେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବାର୍ଷିକ କ୍ରୀଡା ଉତ୍ସବରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ପ୍ରାଥମିକ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ୟାରେଡ କରାଯାଇଥିଲା। ଏହି ଅବସରରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅଭିବାଦନ ଗ୍ରହଣ କରିଥିଲେ। ପ୍ରାଥମିକ ବିଦ୍ୟାଳୟ ତଥା ଜୁନିଅର ବର୍ଗରେ ସର୍ଟପୁଟ, ମ୍ୟୁଜିକ ଚେୟାର, ୧୦୦ ମିଟର ଦୌଡ, ୨୦୦ ମିଟର ଦୌଡ, ଅଖା ଡିଆଁ, ଅଙ୍କକସା, ରଙ୍ଗୋଲି, ହାଣ୍ଡି ପିଟା ଅନୁଷ୍ଠିତ ହୋଇଥିଲା। ସିନିଅର ଗ୍ରୁପରେ ଏହିସବୁ ଇଭେଣ୍ଟ ସହ ଡିସକସ ଥ୍ରୋ ଖେଳ ଅନୁଷ୍ଠିତ ହୋଇଥିଲା। ୨ ଦିନ ଧରି ଚାଲିଥିବା ଏହି କ୍ରୀଡା ଉତ୍ସବର ଉଦ୍‌ଯାପନୀ ଦିବସରେ ପରିଚାଳନା କମିଟି ସଭାପତି ଶିବୁ ପ୍ରଧାନ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀଙ୍କ ସହ ଶିକ୍ଷୟିତ୍ରୀମାନେ ମିଶି ନୃତ୍ୟ କରିଥିଲେ।

# ଟିଟିଲାଗଡ଼ରେ ହେବ କେନ୍ଦ୍ରୀୟ ବିଦ୍ୟାଳୟ

**ଟିଟିଲାଗଡ,୭।୧୨(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହେବ। ଶୁକ୍ରବାର ଏହାକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ରେଳ ବିଭାଗ ଦ୍ୱାରା ପ୍ରାୟୋଜିତ ଏହି ବିଦ୍ୟାଳୟ ଆସନ୍ତା ଶିକ୍ଷାବର୍ଷରୁ ଆରମ୍ଭ ହେବ ବୋଲି ଜଣାପଡିଛି। ପ୍ରଥମେ ଏହି ବିଦ୍ୟାଳୟ ଟିଟିଲାଗଡସ୍ଥିତ ଧବଳେଶ୍ୱର ବିଦ୍ୟାପୀଠରେ ନୂତନ ସ୍କୁଲ ଗୃହ ନିର୍ମାଣ ପର୍ଯ୍ୟନ୍ତ ଚାଲିବା ନେଇ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗଠାରୁ ଅନୁମତି ପାଇଥିବା ଜଣାପଡିଛି।

# ଯୋଗମାୟା ଉଚ୍ଚ ମହିଳା ମାଧ୍ୟମିକ ବିଦ୍ୟାଳୟରେ ଚାଲ ଖେଲମା କାର୍ଯ୍ୟକ୍ରମ

**ଲହୁଣୀପଡା,୭।୧୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ମିଶ୍ରପାଲି ସ୍ଥିତ ଯୋଗମାୟା ଉଚ୍ଚ ମହିଳା ମାଧ୍ୟମିକ ବିଦ୍ୟାଳୟରେ ବୋଲବମ ସେବା ସଂଘ ରାଜାମୁଣ୍ଡା ପକ୍ଷରୁ ୨ଦିନ ଧରି ଚାଲିଥିବା ଏକ ନିଆରା କାର୍ଯ୍ୟକ୍ରମ ଚାଲ ଖେଲମାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ତପସ୍ୱିନୀ ପାଲ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ କୁମାର ଗୌତମ ବାରିକ, ସମ୍ମାନିତ ଅତିଥି ଧିରେନ୍ଦ୍ର କୁମାର ମାହାନ୍ତ, ସୁଦାନ ଚରଣ ତ୍ରିପାଠୀ ଯୋଗ ଦେଇଥିବା ବେଳେ ଯୋଗମାୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଝରଣା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବୋଲବମ ସେବା ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ଜିତ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ନିଆରା କାର୍ଯ୍ୟକ୍ରମ ଚାଲ ଖେଲମା ସମସ୍ତଙ୍କୁ ଆକର୍ଷିତ କରିଥିଲା। ଛାତ୍ରୀଙ୍କୁ ନେଇ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରତିଯୋଗିତା, ରୋଙ୍ଗଲି ସମେତ ପ୍ରାୟ ୧୫ଟି ବିଷୟରେ କ୍ରିଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଦୀପକ ତ୍ରିପାଠୀ, ଅଶ୍ୱିନୀ ପାଲ, ଅସିତ ପଟ୍ଟନାୟକ, ବିଶ୍ୱଜିତ ରାୟ,ଯୋଗମାୟା ମହିଳା ମହାବିଦ୍ୟାଳୟର ଅଜିତ ଦଳ ବେହେରା, ଇତିଶ୍ରୀ ପଟ୍ଟନାୟକ, କବିତା ମୁଖାର୍ଜୀ, ଅନିତା ପ୍ରଧାନଙ୍କ ସମେତ ଅଧ୍ୟାପିକା ,ଅଧ୍ୟାପକ, କର୍ମଚାରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ କୁହୁଁରୁ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳବାୟୁ ପରିବର୍ତ୍ତନ, ମୃତ୍ତିକା ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କିତ ସେମିନାର

**ସୁନ୍ଦରଗଡ,୭।୧୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ଜଳବାୟୁ ପରିବର୍ତ୍ତନ ଓ ମୃର୍ତ୍ତିକା ସ୍ୱାସ୍ଥ୍ୟ ସମ୍ପର୍କିତ ଏକ ଆଲୋଚନା ଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରି ବର୍ତ୍ତମାନ ପରିସ୍ଥିତିରେ ଏହି ଆଲୋଚନାର ଗୁରୁତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଷୟ ବିଶେଷଜ୍ଞ ଭାବେ ସୁନ୍ଦରଗଡ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ମନୋଜ କୁମାର ଜେନା ଯୋଗ ଦେଇଥିଲେ। ସେ ଜଳବାୟୁ ପରିବର୍ତ୍ତନ ପରିଭାଷା, ମୌସୁମୀ ବିଳମ୍ବରେ ଆସିବାର କାରଣ, ଓଡ଼ିଶାରେ ଜଳବାୟୁ ପରିବର୍ତ୍ତନର ସ୍ଥିତି, ତାପମାତ୍ରା ବୃଦ୍ଧିର କାରଣ ଓ ନିରାକରଣ, କୃଷି କ୍ଷେତ୍ରରେ ଜୈବିକ ଖତ ବ୍ୟବହାରର ଉପକାରିତା ଆଦି ବିବିଧ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ସହକାରୀ ପ୍ରଫେସର ଅଜିତ କୁମାର ସାହୁ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ନାତକୋତ୍ତର ପ୍ରଥମେ ବର୍ଷର ଛାତ୍ରୀ ମଧୁଲିକା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହକାରୀ ପ୍ରଫେସର ସରୋଜ କୁମାର ପୁଜାରୀ, ଡେଜି ଏକ୍କା, ସସ୍ମିତା ନାୟକଙ୍କ ସମେତ ସମସ୍ତେ ଅଧ୍ୟାପିକା ଆଧ୍ୟାପକ,କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଛାତ୍ରୀ ଜ୍ୟୋତି ସାହୁ ଧନ୍ୟବାଦ ଦେଇଥିଲେ।

# ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ବାଲିଶଙ୍କରା,୭।୧୨(ହୃଦାନନ୍ଦ ବାରିକ)**

ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ନାଏକଙ୍କ ଅଧ୍ୟକ୍ଷତାରେ ପ୍ରଥମ ଦିବସରେ ମୁଖ୍ୟଅତିଥିଭାବେ ବାଲିଶଙ୍କରା ତହସିଲଦାର ଗୌରହରି ମହନ୍ତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଖେଳ ଶିକ୍ଷକ ଶାଶତ କାଟିଆରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସମାଜସେବୀ ସୁଗ୍ରୀବ ବାଘ, ସମ୍ମାନିତ ଅତିଥି ପୂର୍ବତନ ଶିକ୍ଷକ ଖ୍ରୀଷ୍ଟଫର ବା, ନନ୍ଦଲାଲ ନାଗ, ଉତ୍ତମ ତନ୍ତୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ଅଗ୍ନି ନିର୍ବାପନ କୌଶଳ ପ୍ରଦର୍ଶନୀ



**ରାଉରକେଲା,୭।୧୨(ଦିନେଶ ମିଶ୍ର)**

ସେକ୍ଟର–୧୯ ସ୍ଥିତ ଜ୍ଞାନଜ୍ୟୋତି ପ୍ରାଙ୍ଗଣରେ ଅଗ୍ନି ନିର୍ବାପନ କୌଶଳ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଜଳଧର ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆରଏସ୍‌ପି ଅଗ୍ନିଶମ ବିଭାଗ କର୍ମଚାରୀମାନେ ଅଗ୍ନି ନିର୍ବାପନ କୌଶଳମାନ ଦେଖାଇଥିଲେ। ବିସ୍ଫୋରଣ ସମୟରେ କିପରି ନିଜକୁ ସୁରକ୍ଷା ଦେଇପାରିବା ତାହା ପ୍ରତ୍ୟେକ ଜାଣିବା ନିହାତି ଆବଶ୍ୟକ। ବିଦ୍ୟାଳୟର ଅଧିକାଂଶ ଛାତ୍ରୀଛାତ୍ରଙ୍କୁ ଏହି ଅଗ୍ନିଶମ କୌଶଳ ଶିକ୍ଷା ପ୍ରଦାନ କରାଯାଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସରିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଆର୍‌ଏସ୍‌ପି ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ କରାଯାଇଥିଲା।

# ୨୦ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ

**ସୁନ୍ଦରଗଡ,୭।୧୨(ଜୟ ନାରାୟଣ ମେଣ୍ଡୁଲି)**

ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ସ୍ଥାନୀୟ ରାଣୀବଗିଚାସ୍ଥିତ କୃଷି ତାଲିମ ଏବଂ ଦକ୍ଷତା ବିକାଶ କେନ୍ଦ୍ରଠାରେ ଗୁରୁବାର ପାଳିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ହରିହର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟଅତିଥି ଏବଂ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ପ୍ରଧାନ, କୃଷିଜିଲା ଅଧିକାରୀ, ଲେଫ୍ରିପଡ଼ା ପବିତ୍ର ମୋହନ ସାହୁ, କୃଷିଜିଲା ଅଧିକାରୀ, ପାନପୋଷ, ଜି. ଜିୟନ, କୃଷି ଜିଲା ଅଧିକାରୀ, ବଣେଇ, ମନୋଜ କୁମାର ପ୍ରଧାନ ଏବଂ ସହକାରୀ କୃଷି ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୨୦ ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯିବା ସହ ପୂର୍ବରୁ ଅନୁଷ୍ଠିତ ପୋଷ୍ଟର ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ୬ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନୂତନ ଭାବେ ନିର୍ମିତ କୃଷକ ପ୍ରଶିକ୍ଷଣ କେନ୍ଦ୍ର ମୃତ୍ତିକା ପରୀକ୍ଷାଗାର ଅଧ୍ୟକ୍ଷା, ଜିଲା ପରିଷଦ ଅଧ୍ୟକ୍ଷାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା।



ଅତିଥିମାନେ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରୁଛନ୍ତି।

# ଆର୍‌ଏସ୍‌ପି କର୍ମଚାରୀଙ୍କୁ ସାବାସ ପୁରସ୍କାର



ଅତିଥିଙ୍କ ସହ ପୁରସ୍କୃତ କର୍ମଚାରୀଗଣ।

**ରାଉରକେଲା,୭।୧୨(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକଙ୍କ ଆଲୋଚନା କକ୍ଷରେ ୪ଜଣ ଅଧିକାରୀ ଓ ୧୨ଜଣ କର୍ମଚାରୀଙ୍କୁ ସେଲ୍ ସାବାସ ଯୋଜନା ଅଧୀନରେ ପୁରସ୍କୃତ କରାଯାଇଛି। ଏଥିରେ ଆର୍‌ଏସ୍‌ପି ୟୁଟିଲିଟି ଓ ପରିବେଶ ବିଭାଗ ଅଧୀନରେ ଥିବା ଜଳ ପ୍ରବନ୍ଧନ, ଅକ୍ସିଜେନ ପ୍ଲାଣ୍ଟ ଏବଂ ପରିବେଶ ଇଞ୍ଜିନିୟରିଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ପୁରସ୍କୃତ ହୋଇଥିଲେ। ୟୁଟିଲିଟି ଓ ପରିବେଶ ବିଭାଗର ସିଜିଏମ୍ ହିରାଲାଲ ମହାପାତ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଜିଏମ୍ ଇନ୍‌ଚାର୍ଜ ଆର. କେ. ଶାହା, ଜଳ ପ୍ରବନ୍ଧନ ବିଭାଗର ଜିଏମ୍ ଇନ୍‌ଚାର୍ଜ ଦେବଜିତ ରାଭା ଓ ପରିବେଶ ବିଭାଗର ଜିଏମ୍ ଇନଚାର୍ଜ ପି. ସି ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ତରକେରା ପମ୍ପ ହାଉସ୍‌ର ସ୍ଲୁଇସ ଗେଟ୍‌ରେ ଲିକେଜ ହ୍ରାସ ପାଇଁ ଜଳ ପ୍ରବନ୍ଧନ ବିଭାଗର ଏଜିଏମ ବବ୍ରୁବାହନ ଦଳାଇଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି କନଷ୍ଟ୍ରକ୍ସନ ୱାଟର ପମ୍ପ ହାଉସର ମେକଅପ୍ ୱାଟର ପାଇପ ଲିକେଜ ସମାଧାନ ପାଇଁ ଡବ୍ଲ୍ୟୁଏମ୍‌ଡି ବିଭାଗର ମ୍ୟାନେଜର ଦୀପକ ଗର୍ଗ ପୁରସ୍କାର ପାଇଥିଲେ। ଜଳ ପରିଚାଳନା ବିଭାଗରୁ ଏଲ୍‌ଡି–୧ ସେକ୍ସନ ଭଲଭର ସ୍ଥାନାନ୍ତରଣ ପାଇଁ ପୁରସ୍କାର ପାଇଥିବା କର୍ମଚାରୀମାନେ ହେଲେ ରାଜୀବ କୁମାର ଗିରି, ସଜଳ କୁମାର ବାନାର୍ଜୀ, ରଶ୍ମୀ ମଲ୍ଲିକ ଓ ଜୁଜାର ସୋରେନ। ଏତଦବ୍ୟତୀତ ଏମ୍‌ଓଏମ୍‌ଟି ମଦନ, ଓସିଟି ସୁରେଶ ମହାନ୍ତଙ୍କୁ ସଫ୍ଟ ୱାଟର ସେକେଣ୍ଡାରୀ କୁଲିଙ୍ଗ ଟାୱାରରୁ ଅସୁରକ୍ଷିତ ସଂରଚନା ଭାଙ୍ଗିବା ଏବଂ ଏହାର ଅପସାରଣ ପାଇଁ ପୁରସ୍କୃତ କରାଯାଇଥିଲା। ବ୍ଲାଷ୍ଟ ଫର୍ନେସ–୪ରେ ଏମ୍‌ପି ନାଇଟ୍ରୋଜେନ ବ୍ୟବହାର ହ୍ରାସ କରିବା ପ୍ରୟାସ ପାଇଁ ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଏଜିଏମ ସୁବ୍ରତ କୁମାର ଦାଶ, ସିନିୟର ମ୍ୟାନେଜର ପ୍ରଣବ କୁମାର ପାଣିଗ୍ରାହୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପ୍ରୟାସର ଫଳ ସ୍ୱରୁପ ୫ଟି ଉଚ୍ଚ ଚାପଯୁକ୍ତ ନାଇଟ୍ରୋଜେନ କମ୍ପ୍ରେସରକୁ ବନ୍ଦ କରାଯାଇ ପାରିଥିଲା। ଅନୁରୂପ ଭାବେ କାଷ୍ଟର–ପ୍ରେସ (ୟୁଭିଆରଟିଏସ)ର କ୍ୱିକ୍ ସର୍ଟ ଅଫ ଭଲ୍‌ବର ପୁନରୁଦ୍ଧାର ପାଇଁ ମେକାନିକାଲ ବିଭାଗର ଏମ୍‌ଓଏମ୍‌ଟି ଏଲ. ଡି ବରାଳ ଏବଂ ଓସିଟି ଏନ୍. ରାଉତଙ୍କୁ ପୁରସ୍କୃତ କରାଯାଇଥିଲା। ଏଏସ୍‌ୟୁ–୩ରେ ଭିଏଫ୍‌ଡି ସ୍ଥାପନ ଏବଂ କମିଶନିଂ ପାଇଁ ଇଲେକ୍ଟ୍ରିକାଲ ବିଭାଗର ଏମ୍‌ଓଏମ୍‌ଟି ଡି. କେ. ମିଶ୍ର, ଓସିଟି ଏମ୍. ଡି ଦାଶ ଏବଂ ଏମ୍‌ଓଏମ୍‌ଟି ଜେ. କେ. ରାଉତଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟୁତ୍ ଆଘାତ ସମୟରେ ଏଏସ୍‌ୟୁ–୩ର ସ୍ଥିରତା ପାଇଁ ଅପରେଶନ ବିଭାଗର ଓସିଟି ଆର. ସି. ପାତ୍ର ପୁରସ୍କୃତ ହୋଇଥିଲେ। ଏସ୍‌ଓଏସ୍‌ଟି ସଦାଶିବ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଲୋକ ମହୋତ୍ସବ ସ୍ମରଣୀୟ କରିବାକୁ ଆହ୍ୱାନ

## ସମ୍ବଲପୁର ଲୋକମହୋତ୍ସବ ୨୦୨୫ ପାଇଁ ପ୍ରସ୍ତୁତି ଆରମ୍ଭ

ସମ୍ବଲପୁର,୭।୧୨(ଭବାନୀ ଶଙ୍କର ଭୋଇ)



ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା ପରେ ଲୋକ ମହୋତ୍ସବ ଆୟୋଜନ କମିଟି କର୍ମକର୍ତ୍ତା ।

ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ସହ ଶନିବାର ସମ୍ବଲପୁର ଲୋକ ମହୋତ୍ସବ-୨୦୨୫ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପୂର୍ବାହ୍ନରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଲୋକ ମହୋତ୍ସବ ଆୟୋଜନ କମିଟିର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆୟୋଜନ କମିଟି ସଂଯୋଜକ ପ୍ରଫୁଲ୍ଲ ହୋତା, ସହସଂଯୋଜକ ଗୁରୁ ରଞ୍ଜନ ସାହୁଙ୍କ ସମେତ ସମସ୍ତ କମିଟି ଆବାହକ, ସହ ଆବାହକଙ୍କ ସମେତ କମିଟିଗୁଡିକର ନୋଡାଲ ଅଧିକାରୀମାନେ ସାମିଲ ହୋଇଥିଲେ। ଜିଲାପାଳ ବୋନ୍ଦର ଚଳିତ ବର୍ଷ ମଧ୍ୟ ଆଡମ୍ବର ସହିତ ଲୋକ ମହୋତ୍ସବ ଆୟୋଜନ କରାଯିବ ବୋଲି କହିଥିଲେ। ଜିଲା ପ୍ରଶାସନ, ଜନ ପ୍ରତିନିଧି, ଗଣ ମାଧ୍ୟମର ମିଳିତ ସହଯୋଗରେ ଲୋକ ମହୋତ୍ସବକୁ ସ୍ମରଣୀୟ କରିବାକୁ ପ୍ରୟାସ କରିବାକୁ ସମସ୍ତ କମିଟି ଆବାହକ ଏବଂ ସଂଯୋଜକଙ୍କୁ ସେ ପରାମର୍ଶ ଦେଇଥିଲେ। ଲୋକମହୋତ୍ସବ ଜରିଆରେ ସମ୍ବଲପୁରୀ କଳା ସଂସ୍କୃତିକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ।

ଚଳିତ ବର୍ଷ ଲୋକ ମହୋତ୍ସବ ପାଞ୍ଚ ଦିନ ଧରି ଆୟୋଜନ କରାଯିବ। ପ୍ରଥମ ତିନି ଦିନ ପରମ୍ପରାଗତ ଭାବେ ଲୋକ କଳା ଲୋକ ସଂସ୍କୃତିକୁ ହିଁ ପ୍ରାଧାନ୍ୟ ଦିଆଯିବ। ଶେଷ ଦୁଇଦିନ ତାରକାମାନଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ଜିଲାପାଳ କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ପୂର୍ବ ବର୍ଷମାନଙ୍କ ଆୟୋଜନକୁ ଆଧାର କରି ଆଗାମୀ ଲୋକ ମହୋତ୍ସବ ପାଇଁ କ'ଣ ସବୁ ପଦକ୍ଷେପ ନିଆଯିବ ସେନେଇ କର୍ମକର୍ତ୍ତା ମାନଙ୍କଠାରୁ ପରାମର୍ଶ ଗ୍ରହଣ କରାଯାଇଥିଲା। ମହୋତ୍ସବର ସଂଯୋଜକ ପ୍ରଫୁଲ୍ଲ ହୋତା ବାହାରୁ ଆସୁଥିବା କଳାକାରମାନଙ୍କ ପାଇଁ ରହିବା ଏବଂ ସେମାନଙ୍କ ରହଣି ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସହ ସଂଯୋଜକ ଷ୍ଟେଜ ଏବଂ ଖାଦ୍ୟ ବ୍ୟବସ୍ଥାକୁ ସ୍ଥାନୀୟ ଲୋକଙ୍କୁ ଦାୟିତ୍ୱ ଦିଆଯିବାକୁ କହିଥିଲେ। ମହୋତ୍ସବର ଭବ୍ୟ ଆୟୋଜନ ପାଇଁ ପିଏଚ୍‌ଡି ପଡିଆରେ ରହିଥିବା ବଳକା ଜମିରେ ସ୍ଥାୟୀ ପ୍ରଦର୍ଶନୀ ପଡିଆ ନିର୍ମାଣ କରିବାକୁ ବୈଠକରେ ଦାବି କରାଯାଇଥିଲା। ଏହାସହ ଡକୁମେଣ୍ଟେସନ ଏବଂ ସ୍ମରଣିକା ଆଦିକୁ ଭବିଷ୍ୟତ ପିଢୀ ପାଇଁ ସୁରକ୍ଷିତ ରଖିବାକୁ ବୈଠକର ଆଲୋଚନା ପରିସରକୁ ଆସିଥିଲା। ଚଳିତ ବର୍ଷ ଲୋକ ମହୋତ୍ସବ ସହିତ ପଲିଶ୍ରୀ ମେଳା ମିଳିତ ଭାବେ ଆୟୋଜନ କରାଯିବା ଉପରେ ଆଲୋଚନା ହୋଇଥିଲା । ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଉପ ଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ମଞ୍ଚାସୀନ ଥିଲେ।

# ଯୋଜନାର ସଫଳ ରୂପାୟନକୁ ଗୁରୁତ୍ୱ



ସମୀକ୍ଷା ବୈଠକରେ ଅନ୍ୟ ଅଧିକାରୀଙ୍କ ସହ ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ।

## ସମ୍ବଲପୁରରେ ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ

ସମ୍ବଲପୁର, ୭।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାରେ ଜାତୀୟ ଖାଦ୍ୟ ସୁରୁକ୍ଷା ଆଇନ-୨୦୧୩ର କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ ଇଂ. ଅବନୀକାନ୍ତ ସାହୁ। ସମ୍ବଲପୁର ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଆୟୋଗ ଅଧକ୍ଷ ଇଂ. ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ନିୟମ ୨୦୨୦ର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିବା ସହ ଜିଲାରେ ଏହାର କାର୍ଯ୍ୟକାରିତା ନେଇ ଆଲୋଚନା କରିଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୧୩ ଅଧୀନରେ ରାସନ କାର୍ଡ ଓ ହିତାଧିକାରୀଙ୍କୁ ପିଡିଏସ୍ ସାମଗ୍ରୀ ଆବଣ୍ଟନ, ସରକାରୀ କଲ୍ୟାଣକାରୀ ଅନୁଷ୍ଠାନ ସହିତ ବିଭିନ୍ନ କାର୍ଯ୍ୟକ୍ରମ ଓ ସାମ୍ପ୍ରଦାୟିକ ପୋଷଣ ଯୋଜନା ତଥା ଗରମ ରନ୍ଧା ଖାଦ୍ୟର ସ୍ଥିତି ଯଥା କିନ୍ନର ଚିହ୍ନଟ ପ୍ରକ୍ରିୟା ଓ ସେମାନଙ୍କୁ ସହାୟତା ଯୋଗାଇ ଦେବା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଇ-କେୱାଇସି ଯାଞ୍ଚ, ମମତା ହିତାଧିକାରୀଙ୍କ ସ୍ଥିତି, ଅଙ୍ଗନବାଡ଼ି କେନ୍ଦ୍ରରେ ରୋଷେଇ ଘର ଓ ନ୍ୟୁଟ୍ରି ବଗିଚାର ଅଗ୍ରଗତି, ମଧ୍ୟାହ୍ନ ଭୋଜନ ତଥା ରକ୍ତହୀନତା ମୁକ୍ତ ଲକ୍ଷ୍ୟ ଅଭିଯାନର ସଫଳତା, ପିଡିଏସ୍ ଚାଉଳ ଆବଣ୍ଟନ ସମ୍ପର୍କରେ ଚର୍ଚ୍ଚା ହୋଇଥିଲା।

## ସଂକ୍ଷେପରେ

### ବାର୍‌ହା ଆକ୍ରମଣରେ ମହିଳା ଆହତ

ଦେବଗଡ଼,୭।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ ତଥା କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ବରଡାନାଳି ଗ୍ରାମରେ ବାର୍‌ହା ଆକ୍ରମଣରେ ଜଣେ ମହିଳା ଆହତ ହୋଇଛନ୍ତି। ବରଡାନାଳି ଗ୍ରାମର ଆନନ୍ଦ ବେହେରାଙ୍କ ସ୍ତ୍ରୀ ଉରା ବେହେରା(୪୮) ଶନିବାର ଛେଳି ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିବାବେଳେ ଅପରାହ୍ନ ପ୍ରାୟ ୧ଟାରେ ବାର୍‌ହା ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଉରା ଜୀବନ ବିକଳରେ ଦୌଡିବାସହ ଜୋରରେ ଚିତ୍କାର କରିଥିଲେ। ଚିତ୍କାର ଶୁଣି ଅନତି ଦୂରରେ ଧାନ କାଟୁଥିବା କେତେକ ଗ୍ରାମବାସୀ ଧାଇଁ ଆସିବାରୁ ବାର୍‌ହା ସେଠାରୁ ଦୌଡି ପଳାଇଥିଲା। ବାର୍‌ହା ଆକ୍ରମଣରେ ଉରାଙ୍କର ଜଙ୍ଘ, କାନ୍ଧ ଓ ପିଠିରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ହେବାପରେ ଉରା ନିଜ ଘରକୁ ଫେରି ଯାଇଥିବା ଜଣାପଡିଛି।

### ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୭।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାର ଓପିଜିସି ପକ୍ଷରୁ ଶନିବାର ପୂର୍ବାହ୍ନ ୧୧ଟାରେ ତିଳିଆ ତୁଳସୀ ସାହୁ ହାଇସ୍କୁଲ ଓ ଅର୍ଜୁନ ଗୁପ୍ତା ବାଳିକା ବିଦ୍ୟାଳୟରେ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ପ୍ୟାଡ଼ ଗାର୍ଲ ପାୟଲ ପଟେଲ ଋତୁସ୍ରାବ ସମୟରେ ସ୍ୱାସ୍ଥ୍ୟର ଯତ୍ନ ଉପରେ ବିଭିନ୍ନ ସୂଚନା ଦେଇଥିଲେ। ସୂଚନା ଅନୁସାରେ ଓପିଜିସିସିଏସ୍ଆର ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୫ଟି ବିଦ୍ୟାଳୟରେ ଭେଣ୍ଡିଂ ମେସିନ ଓ ଇନସେନି ରେଟର ଯୋଗାଇ ଦିଆଯିବ। ଛାତ୍ରୀମାନେ ଭେଣ୍ଡିଂ ମେସିନରୁ କିପରି ସାନିଟାରୀ ପ୍ୟାଡ଼ ନେଇ ପାରିବେ ଓ ଇନସେନି ରେଟର ବ୍ୟବହାର କରିବେ ସେ ନେଇ ମଧ୍ୟ ସୂଚିତ କରାଯାଇଥିଲା।

# ଲିଟିଲ ମିସ୍, ଲିଟିଲ ମାଷ୍ଟର ପ୍ରତିଯୋଗିତା



ଅତିଥିଙ୍କ ସହ ସମ୍ବଲପୁର ଲିଟିଲ ମିସ୍ ଓ ଲିଟିଲ ମାଷ୍ଟର ପ୍ରତିଯୋଗିତାର ପ୍ରତିଯୋଗୀମାନେ।

ସମ୍ବଲପୁର,୭।୧୨(ଭବାନୀ ଶଙ୍କର ଭୋଇ)

ସାଇ ଶିକ୍ଷା ପରିଷଦ ପକ୍ଷରୁ ଶନିବାର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ପ୍ରେକ୍ଷାଳୟରେ ସମ୍ବଲପୁର ଲିଟିଲ ମିସ୍ ଓ ଲିଟିଲ ମାଷ୍ଟର ପ୍ରତିଯୋଗିତା ଆରମ୍ଭ ହୋଇଛି । ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ଏନ ନାଗାରାଜୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର କୁଳସଚିବ ଉମା ଚରଣ ପତି, ଆଦିତ୍ୟ ଆଲୁମିନାର ଅବସରପ୍ରାପ୍ତ ଉପସଭାପତି ଶୁଶାନ୍ତ କୁମାର ଗୁରୁ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଆୟୋଜନ କମିଟି ଅଧ୍ୟକ୍ଷ ଶିକ୍ଷାବିତ୍ ଭକ୍ତ ପ୍ରସାଦ ନନ୍ଦ ଅଧ୍ୟକ୍ଷତା କରିଥିଲେ। ଏଥିରେ ସାଇ ଶିକ୍ଷା ପରିଷଦ ନିର୍ଦ୍ଦେଶକ ନନ୍ଦକିଶୋର ସାହୁ ଅତିଥି ସ୍ୱାଗତ କରିଥିବା ବେଳେ ଗୋଲକ ବିହାରୀ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ମିମାଂଶା ରଥ ଏବଂ ଅସୀମ ପ୍ରଧାନ ସଂଯୋଜନା କରିଥିଲେ। ଏଥିରେ ସମ୍ବଲପୁରୀ ଏବଂ ଆଧୁନିକ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଥମ ଦିନରେ ସମ୍ବଲପୁର ଲିଟିଲ ମିସ୍ ଓ ମାଷ୍ଟର, ମିସ୍ ଟିନ ଓ ମାଷ୍ଟର ଟିନର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୪୮ ଜଣ ପ୍ରତିଭାଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ମନିଷା ମହାପାତ୍ର, ଆଜାଦ ଶେଖର ପ୍ରଧାନ, ଅତିଷ ଶତପଥୀ, ଶିଶିର କର, ତନୁଜା ମହାପାତ୍ର, ରାନୀ ଦାସ, ନୀଲମ ଆନନ୍ଦ, ରେଶମା ଶ୍ରୀକୁମାର, ଡ. ସଞ୍ଜୟ ଭୋଇ ଏବଂ ଅସୀମ ପ୍ରଧାନ ବିଚାରକ ଭାବେ ସାମିଲ ହୋଇଥିଲେ।

# ବର୍ଜ୍ୟବସ୍ତୁ, ପାଉଁଶକୁ ନେଇ ଏମ୍‌ପିଙ୍କ ଉଦ୍‌ବେଗ

ବ୍ରଜରାଜନଗର,୭।୧୨(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲାର ବିଭିନ୍ନ ଅଞ୍ଚଳରେ ଗଢି ଉଠିଥିବା କମ୍ପାନୀରୁ ନିର୍ଗତ ବର୍ଯ୍ୟବସ୍ତୁ ଓ ଦୂଷିତ ପାଉଁଶକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ବରଗଡ଼ ଏମ୍‌ପି. ପ୍ରଦୀପ ପୁରୋହିତ। ଘଟଣା ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ରମନ୍ତ୍ରୀ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରିଛନ୍ତି। ମନ୍ତ୍ରୀ କେନ୍ଦ୍ର ପ୍ରଦୂଷଣ ବୋର୍ଡ କୁ ଉଚ୍ଚସ୍ତରୀୟ କମିଟି ଗଠନ କରି ତଦନ୍ତ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଝାରସୁଗୁଡ଼ା ଜିଲାର କ୍ଷେତ୍ରଫଳ କମ୍ କିନ୍ତୁ ଏଠାରେ କମ୍ପାନୀ ସଂଖ୍ୟା ଅଧିକ। ଫଳରେ ବିଭିନ୍ନ କମ୍ପାନୀରୁ ନିର୍ଗତ ବର୍ଯ୍ୟବସ୍ତୁ ଓ ପାଉଁଶକୁ ବେଆଇନ ଭାବରେ ଚାଷ ଜମି, ଗ୍ରାମାଞ୍ଚଳ ଜଙ୍ଗଲ ଉପରେ ରାତାରାତି ପକେଇ ଦିଆଯାଉଛି। ଏହାକୁ ସ୍ଥାନୀୟ ସାମାଜିକକର୍ମୀ ଓ ସଚେତନ ନାଗରିକ ବିରୋଧ କରିଥିଲେ। ଘଟଣା ସମ୍ପର୍କରେ ଏମ୍‌ପିଙ୍କୁ ଅବଗତ କରାଇଥିଲେ।

# ବିର୍ସାମୁଣ୍ଡା ଫୁଟ୍‌ବଲ: ଭିଏସ୍‌ଏସ୍ କ୍ଲବ ଅଇଁଠାପାଲି ଚାମ୍ପିୟନ





ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

ସମ୍ବଲପୁର,୭।୧୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସହରର ଫୌସି ପଡ଼ିଆରେ ଶନିବାର ବୀର ବିର୍ସା ମୁଣ୍ଡା ଦ୍ୱିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲା ସମେତ ପଡୋଶୀ ଝାରସୁଗୁଡ଼ା ଜିଲାର ବିଭିନ୍ନ ଅଞ୍ଚଳରୁ ୧୬ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଉପାଧ୍ୟକ୍ଷା ରାକ୍ଷୀ ମୁଣ୍ଡାଙ୍କ ନେତୃତ୍ୱରେ ଏହି ପ୍ରତିଯୋଗିତାକୁ ଭୂତାପଡା ମୁଣ୍ଡା ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ଆୟୋଜନ କରାଯାଇଥିଲା। ଫାଇନାଲ ମ୍ୟାଚରେ ଭିଏସ୍‌ଏସ କ୍ଲବ ଅଇଁଠାପାଲି ଫୁଟବଲ ଦଳ ସାରସମାଲ ଫୁଟବଲ ଦଳକୁ ଟାଇବ୍ରେକର ୫-୪ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥିଭାବେ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ଅତିରିକ୍ତ କମିଶନର ସୁନିଲ୍ କୁମାର କେରକେଟା, ସମ୍ମାନିତ ଅତିଥିଭାବେ ସମ୍ବଲପୁର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପୂର୍ବତନ ଉପାଧ୍ୟକ୍ଷା ରାକ୍ଷୀ ମୁଣ୍ଡା, ଜିଲା ଓକିଲ ସଂଘ ସମ୍ପାଦକ ପ୍ରବୀଣ କୁମାର ସିଂଦେଓ, ସମାଜସେବୀ ଭଗତ ସର୍ମା, ମହାନଗର ନିଗମ କାର୍ଯ୍ୟାଳୟର ମୁଖ୍ୟ ସହାୟକ ପ୍ରଭାତ କୁମାର ବେହେରା, ସମାଜସେବୀ ଗିରିଧାରୀ ମୁଣ୍ଡା,ସହଦେବ ମୁଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ଭୁତାପଡାର ମୁଣ୍ଡା ସ୍ପୋର୍ଟିଂ କ୍ଲବ ପକ୍ଷରୁ ସଭାପତି ପ୍ରଶାନ୍ତ ମୁଣ୍ଡା, ଉପସଭାପତି ଲୋକନାଥ ମୁଣ୍ଡା, ସମ୍ପାଦକ ଦିଲେଶ୍ୱର ଖାଲକୋ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

# ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା





ଅବସର ପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସମ୍ବଲପୁର,୭।୧୨(ଭବାନୀ ଶଙ୍କର ଭୋଇ)

ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ସମ୍ବଲପୁର ଶାଖା ପକ୍ଷରୁ ଶନିବାର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ସଞ୍ଜୀବ ପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘ ସଭାପତି ଇଂ. ଗୋପାଳ ସରୂପ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବୃକସ ହିଲ ସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଇଂ. ହେମନ୍ତ କୁମାର ମହାପାତ୍ର, ହରିବନ୍ଧୁ ପଣ୍ଡା, ଇଂ. କିଶୋର ପଣ୍ଡା ଏବଂ ଇଂ. ରସାନନ୍ଦ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମ୍ପାଦକ ଇଂ. ଇନ୍ଦ୍ରମଣି ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଇଂ. ପାତ୍ରଙ୍କୁ ସ୍ମୃତି ଚିହ୍ନ ପ୍ରଦାନ କରାଯାଇଥିଲା। ଉପସଭାପତି ଇଂ. ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉପଦେଷ୍ଟା ଇଂ. ପ୍ରଣବ କୁମାର ଛୁରିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ରାଜ୍ୟପାଳଙ୍କୁ ଭେଟିଲେ କେନ୍ଦୁପତ୍ର କର୍ମଚାରୀ ସଂଘ କର୍ମକର୍ତ୍ତା



ରାଜ୍ୟପାଳ ରଘୁବର ଦାସଙ୍କ ସହିତ ରାଜଭବନରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ କର୍ମକର୍ତ୍ତା।

ସମ୍ବଲପୁର,୭।୧୨(ଭବାନୀ ଶଙ୍କର ଭୋଇ)

ଓଡ଼ିଶାର ରାଜ୍ୟପାଳ ରଘୁବର ଦାସଙ୍କ ସହିତ ଶନିବାର ଭୁବନେଶ୍ୱରସ୍ଥିତ ରାଜଭବନରେ କେନ୍ଦୁପତ୍ର କର୍ମଚାରୀ ସଂଘ କର୍ମକର୍ତ୍ତାମାନେ ସାକ୍ଷାତ ଆଲୋଚନା କରିଥିଲେ। ସାକ୍ଷାତ ସମୟରେ ରାଜ୍ୟପାଳଙ୍କୁ ସଂଘ କର୍ମକର୍ତ୍ତାମାନେ ୧୯୬୪ରୁ ୨୦୨୪ ମସିହା ପର୍ଯ୍ୟନ୍ତ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ୬୦ ବର୍ଷର ଯାତ୍ରା ସମ୍ପର୍କରେ ଜଣାଇଥିଲେ । କେନ୍ଦୁପତ୍ର ସହ ଜଡିତ ୧୫ ଲକ୍ଷ ତୋଳାଳିଙ୍କ ମଧ୍ୟରେ ୯୦ ପ୍ରତିଶତ ମହିଳା ଆଦିବାସୀ ଓ ପଛୁଆ ବର୍ଗର। ଏହି ସଂସ୍ଥାରେ କାର୍ଯ୍ୟ କରୁଥିବା ୧୮ ହଜାର ସିଜିନାଲ କର୍ମଚାରୀ ଓ ୨୦ ହଜାର ବନ୍ଧେଇ ଶ୍ରମିକଙ୍କ ପ୍ରକାର ଭେଦ ସମ୍ପର୍କରେ ପଚାରି ବୁଝିଥିଲେ ରାଜ୍ୟପାଳ। ୨୨ ଜିଲାରେ କିପରି ଭାବରେ ପତ୍ର ସଂଗ୍ରହ ହୁଏ ଓ ବ୍ୟବସାୟ ସହିତ ତୋଳାଳି କର୍ମଚାରୀମାନେ କିପରି ଲାଭ ପାଇଥାନ୍ତି ଓ ସରକାର କ'ଣ ସୁବିଧା ସୁଯୋଗ ଦେଉଛନ୍ତି ସେ ବୁଝିଥିଲେ। ଏହି ସାକ୍ଷାତ ସମୟରେ ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି, ଉପସଭାପତି ଗୋକୁଳ ମେହେର, ରାଜ୍ୟର ସଙ୍ଗଠନ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜଛ, ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଚ୍ଛାଙ୍ଗ, ମିଡିଆ ସଂଯୋଜକ ଦେବଜ୍ୟୋତି ପଟ୍ଟନାୟକ ଓ ଯୁବ ସଙ୍ଗଠକ ଆକାଶ ଦେବତା ଉପସ୍ଥିତ ଥିଲେ।

# ଶ୍ରୀଅନ୍ନକୁ ଦୈନନ୍ଦିନ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବାକୁ ଆହ୍ୱାନ

ସମ୍ବଲପୁର,୭।୧୨(ଭବାନୀ ଶଙ୍କର ଭୋଇ)



ସିଆରପିଏଫ ଗ୍ରୁପ ସେଣ୍ଟରଠାରେ ଅନୁଷ୍ଠିତ ଶ୍ରୀଅନ୍ନ ଖାଦ୍ୟ ମହୋତ୍ସବରେ ଉପସ୍ଥିତ ଅତିଥି।

## ଗ୍ରୁପ ସେଣ୍ଟରରେ ଶ୍ରୀଅନ୍ନ ଖାଦ୍ୟ ମହୋତ୍ସବ

ସମ୍ବଲପୁର ଜିଲା ଗୋଶାଳା ନିକଟ ସିଆରପିଏଫ ଗ୍ରୁପ ସେଣ୍ଟରଠାରେ ଶନିବାର ଶ୍ରୀଅନ୍ନ ଖାଦ୍ୟ ମହୋତ୍ସବ ଆୟୋଜିତ ହୋଇଥିଲା। ସିଆରପିଏଫ ଡେପୁଟି ଇନ୍ସପେକ୍ଟର ଜେନେରାଲ ସଞ୍ଜୟ କୁମାର ସିଂ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ମେଳାରେ ଅଫିସର୍ ମେସ ଅଧିନ ଅଧିକାରୀ ମେସ୍ ଏବଂ କ୍ୟାଣ୍ଟିନ ଦ୍ୱାରା ଶସ୍ୟରୁ ପ୍ରସ୍ତୁତ ୨୨ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା। ଯେଉଁଥିରେ ମିଲେଟ ଉପମା, ରାଗି ହାଲୱା, ରାଗି ଇଡଲି, ରାଗି ଲଡ୍ଡୁ, ରାଗି ବାଲୁସାହି, ମିଲେଟ ଲଡ୍ଡୁ, ରାଗି ବର୍ଫି, ରାଗି ସୁପ, ମିଲେଟ କ୍ଷୀରି, ମିଲେଟ ଖିଚି, ମିଲେଟ ପୁରୀ, ରାଗି ପୁରୀ, ମିଲେଟ ହାଲୱା, ଯୁଆରା ପୋରିଜ, ଜୁଆରା ପରଠା, ମିଲେଟ ରୋଟି, ଜୁଆରା ରୋଟି, ପାକୋଡା ପ୍ରସ୍ତୁତ କରାଯାଇ ବିଭିନ୍ନ ଷ୍ଟଲରେ ପ୍ରଦର୍ଶିତ କରାଯାଇଥିଲା। କ୍ୟାମ୍ପ ପରିସରରେ ରହୁଥିବା ସମସ୍ତ ପରିବାର ସଦସ୍ୟ ଏହି ମେଳାରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଡ଼ିଆଇଜି ସଞ୍ଜୟ କୁମାର ସିଂ ତାଙ୍କ ସମ୍ବୋଧନରେ କହିଥିଲେ ଯେ, ଆଜିକାଲି ସ୍ୱାସ୍ଥ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏକ ପ୍ରମୁଖ ପ୍ରସଙ୍ଗ ହୋଇଛି। ବର୍ତ୍ତମାନ ସମୟରେ ସୁସ୍ଥ ରହିବା ସବୁଠାରୁ ବଡ ଚେଲେଞ୍ଜ। ଉତ୍ତମ ସ୍ୱାସ୍ଥ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ଖାଦ୍ୟ। ଭଲ ଖାଦ୍ୟଶସ୍ୟର ବ୍ୟବହାର କରି ଆମେ ଆମର ସ୍ୱାସ୍ଥ୍ୟରେ ଉନ୍ନତି କରିପାରିବା ଏବଂ ଅଧିକ ଦିନ ବଞ୍ଚିପାରିବା। ମେଳାରେ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ ପ୍ରକ୍ରିୟା ବିଷୟରେ ସେ ପରାମର୍ଶ ଦେଇଥିଲେ। ସମସ୍ତେ ଶ୍ରୀଅନ୍ନକୁ ଦୈନନ୍ଦିନ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଦିଆଯାଇଥିଲା। ଶେଷରେ ଉତ୍କୃଷ୍ଟ ଖାଦ୍ୟ ପ୍ରସ୍ତୁତ କରିଥିବା ରୋଷେଇ ଆମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ୭ ଡାକ୍ତରଙ୍କ ଭରସାରେ ଚାଲିଛି ରୋଗୀ ସେବା

## ପାନପୋଷ ଉପଖଣ୍ଡ ହସ୍ପିଟାଲ

ରାଉରକେଲା, ୭।୧୨ (ବିପ୍ଳବ ରଞ୍ଜନ ଦାଶ)

ପାନପୋଷ ଉପଖଣ୍ଡ ହସ୍ପିଟାଲରେ ଆବଶ୍ୟକ ଡାକ୍ତର ଅଭାବରୁ ରୋଗୀ ସେବା ବ୍ୟାହତ ହେଉଛି। ଏଠାରେ ୭ ଡାକ୍ତରଙ୍କ ଭରସାରେ ଚାଲିଛି ରୋଗୀସେବା। ପୂର୍ବରୁ ଏଠାରେ କେବଳ ପ୍ରାଥମିକ ଚିକିତ୍ସା କରାଯାଇ ଅନ୍ୟ ହସ୍ପିଟାଲକୁ ରୋଗୀମାନଙ୍କୁ ରେଫର କରାଯାଉଥିଲା। ଏବେ ଏଠାରେ ଅନ୍ତଃବିଭାଗର ଚିକିତ୍ସା ପାଇଁ ୨୦ ଶଯ୍ୟା କରାଯାଇଛି। ମାତ୍ର ଏହା ସତ୍ତ୍ୱେ ମଧ୍ୟ ମେଡିକାଲରେ ସ୍ଥାୟୀ ବିଶେଷଜ୍ଞ ଡାକ୍ତର ପଦ ଖାଲି ରହିଛି। ଜଣେ ମେଡିସିନ ବିଶେଷଜ୍ଞ, ୨ଜଣ ଏମ୍‌ବିବିଏସ୍, ଅନ୍ୟ ବିଭାଗୀୟ ୫ଜଣ ଅର୍ଥାତ ସମୁଦାୟ ୭ଜଣ ଡାକ୍ତରଙ୍କ ଭରସାରେ ଉପଖଣ୍ଡ ହସ୍ପିଟାଲ ଚାଲିଛି। ଏଠାରେ ଦୀର୍ଘ ୧୦ବର୍ଷ ଧରି

### ଶବ ବ୍ୟବଚ୍ଛେଦ ଗୃହ ଅବସ୍ଥା ଦୟନୀୟ

ପ୍ରସୂତି ବିଭାଗ ବନ୍ଦ ଥିଲା। ମାତ୍ର ରାଜ୍ୟରେ ଭାଜପା ସରକାର ଆସିବା ପରେ ଚଳିତ ମାସ ପାନପୋଷ ଉପଖଣ୍ଡସ୍ତରୀୟ ହସ୍ପିଟାଲରେ ବନ୍ଦ ଥିବା ପ୍ରସୂତି ବିଭାଗ ସକ୍ଷମ ହେବା ସହିତ ଅନ୍ତଃବିଭାଗକୁ ୨୦ଶଯ୍ୟା ବିଶିଷ୍ଟ କରାଯାଇଛି।

ଏହି ହସ୍ପିଟାଲରେ ଏମ୍‌ବିବିଏସ୍ ଡାକ୍ତରମାନେ ସର୍ଜିକାଲ କାମରେ ଶବ ବ୍ୟବଚ୍ଛେଦ କରୁଥିବାବେଳେ ପ୍ରାୟ ଅଧିକାଂଶ ସମୟରେ ଶବ ବ୍ୟବଚ୍ଛେଦ ଲାଗି ଜଣେ ଡାକ୍ତର ସ୍ୱତନ୍ତ୍ର ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏଥିସହ ସିଫ୍ଟ ଅନୁସାରେ ଡାକ୍ତରମାନେ ରୋଗୀଙ୍କ ଚିକିତ୍ସା ସେବା କରୁଥିବାବେଳେ ପ୍ରାୟ ସମୟରେ ୩ଜଣ



ଡାକ୍ତରରେ ହସ୍ପିଟାଲରେ ରୋଗୀ ସେବା ଚାଲୁଛି। ଫଳରେ ପ୍ରସୂତି ବିଭାଗ ସହିତ ଅନ୍ତଃବିଭାଗ କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ଡାକ୍ତରଙ୍କ ଅଭାବରୁ ରୋଗୀମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳିପାରୁ ନ ଥିବା ଅଭିଯୋଗ ହେଉଛି। ଏଥିସହିତ ପାନପୋଷସ୍ଥିତ ଶବ ବ୍ୟବଚ୍ଛେଦ କେନ୍ଦ୍ର ଅବସ୍ଥା ଦୟନୀୟ ହେବାରେ ଲାଗିଛି। ଶବ ବ୍ୟବଚ୍ଛେଦ ଗୃହ ନିକଟସ୍ଥ ପ୍ରତୀକ୍ଷାଳୟ ଅବସ୍ଥା ଶୋଚନୀୟ ହୋଇଗଲାଣି। ବ୍ୟବଚ୍ଛେଦ ଗୃହ ଛାତରୁ ସିମେଣ୍ଟ ଯୋଡେଇ ଝଡିପଡ଼ିବା ସହିତ ବର୍ଷବର୍ଷ ତଳରେ ଶବ ବ୍ୟବଚ୍ଛେଦ ପାଇଁ ବିନିଯୋଗ ହେଉଥିବା ସାମଗ୍ରୀ ଗଛିତ ରହୁଛି। ଯାହାକୁ ସ୍ଥାନାନ୍ତର ଯାଉନାହିଁ। ଫଳରେ ଶବ ବ୍ୟବଚ୍ଛେଦ କରିବା ଦୁର୍ବିସହ ହେଉଛି। ଏଣୁକରି ଏସବୁ ଦିଗରେ ବିଭାଗୀୟ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡିଛି। ଏନେଇ ପାନପୋଷ ଉପଖଣ୍ଡ ହସ୍ପିଟାଲର ଭାରପ୍ରାପ୍ତ ଅଧିକାରୀ ହରଦୀପ ସିଂହଙ୍କୁ ପଚାରିବାରୁ ସେ କହିଲେ, ପାନପୋଷ ଉପଖଣ୍ଡ ହସ୍ପିଟାଲରେ ପ୍ରସୂତି ବିଭାଗ ସହ ଅନ୍ତଃବିଭାଗ କାର୍ଯ୍ୟକ୍ଷମ ହେଲା। ଫଳରେ ରୋଗୀମାନେ ଉପକୃତ ହେଲେ, ମାତ୍ର ଆବଶ୍ୟକ ଡାକ୍ତର ନିଯୁକ୍ତି ହେଉନି। ଯେଉଁମାନେ ଅଛନ୍ତି, ସେମାନେ ପିଜି କରିବା ପାଇଁ କାମରୁ ନିବୃତ ରହୁଛନ୍ତି। ଏଣୁ ଏଠାରେ ଡାକ୍ତର ପଦବୀ ପୂରଣ ହେବା ଆବଶ୍ୟକ ରହିଛି ବୋଲି କହିଥିଲେ।

# ଆଧ୍ୟାତ୍ମିକ ଚେତନା ରହିଲେ ଜୀବନ ସରସ ହୋଇଥାଏ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

### ୟୁଜିଆଇର ବାର୍ଷିକ ସାଂସ୍କୃତିକ ଉତ୍ସବ

ରାଉରକେଲା,୭।୧୨ (ଦିନେଶ ମିଶ୍ର)

ରାଉରକେଲା ଜେଲ୍ ରୋଡ୍‌ସ୍ଥିତ ଉତ୍କଳ ମଣି ଗୋପବନ୍ଧୁ ଯାନ୍ତ୍ରିକ ଅନୁଷ୍ଠାନ(ୟୁଜିଆଇ)ର ବାର୍ଷିକ ସାଂସ୍କୃତିକ ଉତ୍ସବ-୨୦୨୪ ଅଧକ୍ଷା ପ୍ରଗତି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଏନ୍‌ଆଇଟି କେମିକାଲ ବିଭାଗର ମୁଖ୍ୟ ପ୍ରଫେସର ହରମୋହନ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯାନ୍ତ୍ରିକ ଓ ବୈଷୟିକ ପାଠପଢ଼ା ସହ ବିଦ୍ୟାର୍ଥୀମାନଙ୍କ ଭିତରେ ଆଧ୍ୟାତ୍ମିକ ଚେତନା ରହିଲେ ଜୀବନ ସରସ ଓ ସରଳ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ୟୁଜିଆଇ ଆଲୁମିନି ଆସୋସିଏଶନର ସମ୍ପାଦକ ଶୁଭେନ୍ଦୁ ପଣ୍ଡା, ଦେବଗଡ ଜିପିର ଅଧକ୍ଷ ଡ. ବି. କେ. ଗନ୍ତାୟତ, ଦେବୀ ପ୍ରସାଦ ପଟ୍ଟନାୟକ, ଏଚ୍‌ଓଡି ଡ. ବି. ବି ସାହୁ, ସଦାଶିବ ପାତ୍ର, ଶିଶିର ଦଳେଇ, କୃଷ୍ଣପ୍ରସାଦ ଦାସ, ଶୁଭାସିନୀ ଜେନା, ସବନା ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ୟୁଜିଆଇର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ୟୁଜିଆଇର ସାଂସ୍କୃତିକ ପରିଷଦ ଉପସଭାପତି କାନନିକା ନାୟକ ମଞ୍ଚ ପରିଚାଳନା କରିଥିଲେ। ୟୁଜିଆଇ ଅଧକ୍ଷା ପ୍ରଗତି ଦାସ କଲେଜର ବାର୍ଷିକ ବିବରଣୀ ପାଠ କରିଥିଲେ। ମେକାନିକାଲ ବିଭାଗର ବରିଷ୍ଠ ଶିକ୍ଷକ ଶିଶିର କୁମାର ଦଳେଇ, ରଘୁନାଥ ମାରାଣ୍ଡି, ଦେବୀ ପ୍ରସାଦ ପଟ୍ଟନାୟକ, ପଙ୍କଜ ସାମନ୍ତ, ରାଜେଶ କୁମାର ତ୍ରିପାଠୀ, ମାନସୀ ପ୍ରିୟଦର୍ଶନୀ, ଜେ. କେ. ଚାନ୍ଦ ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ ପରିଷଦ ସଭାପତି ରାଜେଶ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶୀତଳପଡ଼ା ବସ୍ତି ଶିଶୁଙ୍କୁ ସହାୟତା ପ୍ରଦାନ

ରାଉରକେଲା,୭।୧୨ (ଦିନେଶ ମିଶ୍ର)

ଆମ ପୋଲିସ ପକ୍ଷରୁ ଉଦିତନଗରସ୍ଥିତ ଶୀତଳପଡା ବସ୍ତିର ଶିଶୁମାନଙ୍କୁ ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଗି ସହାୟତା ପ୍ରଦାନ କରାଯାଇଛି। ସମାଜସେବୀ ସୋନୁ ସାହୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୀତଳପଡା ବସ୍ତିର ବହୁ ଗରିବ ଓ ଅସହାୟ ଶିଶୁମାନଙ୍କୁ କିଭଳି ଉତ୍ତମ ଶିକ୍ଷା ଓ ନୈତିକତା ସଂସ୍କାର ପ୍ରଦାନ କରାଯାଇ ପାରିବ ସେ ନେଇ ସମାଜସେବୀ ସାହୁ ଆମ ପୋଲିସ ଉଦିତନଗର ଥାନାରେ ଅବଗତ କରିଥିଲେ। ପରେ ଆମ ପୋଲିସ ପକ୍ଷରୁ ଛାତ୍ରୀଛାତ୍ରୀଙ୍କୁ ସ୍ଲେଟ୍, ବହି ଓ ଖାତା ପ୍ରଦାନ କରାଯାଇଥିଲା। ସନ୍ଧ୍ୟା ସମୟରେ ପ୍ରତିଦିନ ଏହି ପିଲାମାନଙ୍କୁ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଶିକ୍ଷାଦାନ କରାଯାଉଥିବା ସମାଜସେବୀ ସାହୁ ସୂଚନା ଦେଇଛନ୍ତି। ବିଜୟ ମିଶ୍ର, ଅଭିମନ୍ୟୁ ନାଗ, ପିଣ୍ଟୁ ତନ୍ତୀ, ଛୋଟୁ ଲେହେରୀ, ମଙ୍ଗଲ ଚୌହାନ, ରାଜା ଯାଦବ ପ୍ରମୁଖ ସହଯୋଗ କରିଥିଲେ।



ସହାୟତା ପାଇଥିବା ଶିଶୁମାନେ।

# ଆର୍‌ଏସ୍‌ପିର ୫ ବରିଷ୍ଠ ଅଧିକାରୀ ପୁରସ୍କୃତ

ରାଉରକେଲା,୭।୧୨ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ବିଭିନ୍ନ ବିଭାଗ ଦ୍ୱାରା ହୋଇଥିବା ପ୍ରଶଂସନୀୟ କାର୍ଯ୍ୟ ପାଇଁ ୫ଜଣ ବରିଷ୍ଠ ଅଧିକାରୀଙ୍କୁ ସେଲ ସାବାସ ଯୋଜନା ଅଧୀନରେ ପୁରସ୍କାର ପ୍ରଦାନ କରାଯାଇଛି। ଆର୍‌ଏସ୍‌ପି ମନ୍ଥନ ସମ୍ମିଳନୀ କେନ୍ଦ୍ରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆର୍‌ଏସ୍‌ପିରେ ପ୍ରଥମ ଥର ପାଇଁ ଡିଆଇସିସ୍ତରୀୟ ସାବାସ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ଅପରେଶନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ, ସାମଗ୍ରୀ ପ୍ରବନ୍ଧନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂ ଏବଂ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ପୁରସ୍କାର ବିଜେତା ଅଧିକାରୀମାନେ



ପୁରସ୍କୃତ ଅଧିକାରୀଙ୍କ ସହିତ ଅତନୁ ଭୌମିକ।

ହେଲେ ଏସ୍‌ଏମ୍‌ଏସ୍-୨ ମେକାନିକାଲ ବିଭାଗର ଜିଏମ୍ ଏମ୍. ଜି. ଶ୍ରୀକାନ୍ତ, ଏଚ୍‌ଏସ୍‌ଏମ୍-୨ ମେକାନିକାଲ ବିଭାଗର ଜିଏମ୍ ସୁବ୍ରତ କାନୁନ୍‌ଗୋ, ଲୋକ ସମ୍ପର୍କ ବିଭାଗର ଜିଏମ୍ ତଥା ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ, ଉଦ୍ୟାନ କୃଷି ବିଭାଗର ଡିଜିଏମ୍ ତଥା ଜେଡ ଡିପି ବିଭାଗର ଡିଜିଏମ୍ ଇନ୍‌ଚାର୍ଜ ଡକ୍ଟର ଅଭିଜିତ ବିଶ୍ୱାସ। ଏହାପୂର୍ବରୁ ମଧ୍ୟ ଡିଆଇସିଙ୍କ କାର୍ଯ୍ୟାଳୟରେ ମଧ୍ୟ ଏକ ପୃଥକ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଡିଆଇସି ଅତନୁ ଭୌମିକ ଡିଆଇସି ସଚିବାଳୟର ତତ୍କାଳୀନ ଡିଜିଏମ୍ ଗୌରବ ଆରୋରାଙ୍କୁ ସେଲ୍ ସାବାସ ପୁରସ୍କାର ପ୍ରଦାନ କରିଥିଲେ। ଭୌମିକ ନିଜ ଅଭିଭାଷଣରେ ପୁରସ୍କାର ବିଜେତାମାନଙ୍କୁ ସେମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ପ୍ରଶଂସା କରିବା ସହିତ ଏଭଳି ଉତ୍ତମ କାର୍ଯ୍ୟ ଜାରି ରଖିବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ସେ ପାରିଦର୍ଶିତା, ଦଳଗତ କାର୍ଯ୍ୟ ମାଧ୍ୟମରେ କାରଖାନାର ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା ସହ କାର୍ଯ୍ୟ ଦକ୍ଷତା ବିକାଶ ନେଇ ମଧ୍ୟ ପରାମର୍ଶ ଦେଇଥିଲେ। ତରୁଣ ମିଶ୍ର, ଆଲୋକ ବର୍ମା, ବି. ପଲାଇ, ଅନୀଲ କୁମାର, ଏମ୍. ପି. ସିଂ ଓ ସୁଦୀପ ପାଲ ଚୌଧୁରୀ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଚ୍‌ଆର୍-ଓଡି ବିଭାଗର ଜିଏମ୍ ସୋମଜିତ ବଡପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସରକାରୀ ଆଇଟିଆଇର ବାର୍ଷିକ କ୍ରୀଡ଼ୋତ୍ସବ ଉଦ୍‌ଯାପିତ

ରାଉରକେଲା,୭।୧୨ (ଦିନେଶ ମିଶ୍ର)

ରାଉରକେଲା ସରକାରୀ ଆଇଟିଆଇର ୬୫ତମ ଦୁଇଦିନିଆ ବାର୍ଷିକ କ୍ରୀଡ଼ୋତ୍ସବ-୨୦୨୪ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ୟୁଜିଆଇ ଆଲୁମନି ଆସୋସିଏଶନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ପଣ୍ଡା ମୁଖ୍ୟ ଅତିଥି, ଅନ୍ତର୍ଜାତୀୟ ଆଥଲେଟିକ୍ ନିଖିଲ କଳାକାର ପ୍ରଧାନ, ଅଧକ୍ଷ ଦାମନ ସୋରେନ ଓ ଉତ୍ତମ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ୮ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କ୍ରୀଡ଼ାର ବାଳକ ବର୍ଗରେ ଶୁସିଲ ଖାଲକୋ ଓ ବାଳିକା ବର୍ଗରେ ରଶ୍ମି ଓରାମ ଚାମ୍ପିୟନ ହୋଇଥିଲେ। ପରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଇଟିଆଇର କ୍ରୀଡ଼ା ଶିକ୍ଷକ କୁଳଦୀପ ଲାକ୍ରା, ଅନୀଲ କୁମାର ନାୟକ, ଯୋଗେଶ୍ୱର ପ୍ରସାଦ ମିଶ୍ର, ସରିତା ଦାସ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଅଧ୍ୟାପକ ଶକ୍ତିଭୂଷଣ ମହାନ୍ତି ଓ ରଜନୀ ଶର୍ମା ମଞ୍ଚ ପରିଚାଳନା ଏବଂ ସରକାରୀ ଆଇଟିଆଇ ଛାତ୍ର ସଂସଦ ସଭାପତି ସୁବ୍ରତ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ଉଦ୍‌ଘାଟନୀ ଦିବସରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ରାଉରକେଲା,୭।୧୨ (ଦିନେଶ ମିଶ୍ର)

ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ସସ୍ମିତା ସାମଲ ଉଦ୍‌ଘାଟନ କରିଥିଲେ। ସଂଯୋଜିକା ଅଧ୍ୟାପିକା ନମିତା ସ୍ୱାଇଁଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ଟି କାର୍ଯ୍ୟଦିବସ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁକ୍ତ ୨ ବର୍ଗର ଛାତ୍ରୀମାନେ ଲାଭବାନ ହେବେ ବୋଲି ଡ. ସାମଲ ଆଶାବ୍ୟକ୍ତ କରିଛନ୍ତି। ପ୍ରଥମ ଦିନ ଶିବିରରେ ମୋଟ ୧୧୨ ଜଣ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀ ଯୋଗ ଦେଇଛନ୍ତି। ଓସେପା ଏବଂ ସମଗ୍ର ଶିକ୍ଷା ଅଭିଯାନ ସୁନ୍ଦରଗଡ ଜିଲା ଶାଖା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ନିଯୁକ୍ତ ପ୍ରଶିକ୍ଷିକା ଦୁଲାଣି ମୁଣ୍ଡାରି ଓ ମହିମା ସୁନ୍ଦରୀ ମଲ୍ଲିକ ପ୍ରଶିକ୍ଷଣ ଦେଇଛନ୍ତି। ଆସନ୍ତା ଦିନରେ ଏଥିରେ ଅଧିକରୁ ଅଧିକ ଛାତ୍ରୀ ଯୋଗଦେବା ପାଇଁ ଅଧ୍ୟାପିକା ମମତା ବାକ୍ସଲା ଆହ୍ୱାନ ଦେଇଥିଲେ।

# ଦେଓ ନଦୀରେ ବ୍ରିଜ୍ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ

ରାଉରକେଲା,୭।୧୨ (ସଙ୍ଗୀତା ଜେନା)

ରାଉରକେଲାରୁ ବିଶ୍ରା ଓ ନୂଆଗାଁ ବ୍ଲକକୁ ସଂଯୋଗ ପାଇଁ ମିଟକୁନ୍ଦରୀ ନିକଟରେ ଦେଓ ନଦୀରେ ୨୦୧୮ରୁ ଆରମ୍ଭ ହୋଇଥିବା ସେତୁ କାର୍ଯ୍ୟ ବର୍ତ୍ତମାନ ତ୍ୱରାନ୍ୱିତ ହୋଇଛି। ପ୍ରାୟ ୧୦/୧୨ ଦିନ ତଳେ ସେତୁର ବଳକା ଅଂଶ ଅର୍ଥାତ୍ ଗୋଟିଏ ପିଲାର ଏବଂ ଆପ୍ରୋଚ୍ ରୋଡ୍ ନିର୍ମାଣ କରାଯାଉଛି। ଏହା ସମ୍ପୂର୍ଣ୍ଣ ହେଲେ ନୂଆଗାଁ, ବିଶ୍ରା, ଲହଣ୍ଡା, ସିମେରତା, କଦଳୀବାହାର, କେମାଙ୍ଗ, ଲାଙ୍କୋଇ, ଅଙ୍କୁରପାଲି, କାରୀଛାପର, ପସରା ଆଦି ୧୨ରୁ ଊର୍ଦ୍ଧ୍ୱ ପଞ୍ଚାୟତର ୨୦ ଗ୍ରାମବାସୀ ଉପକୃତ ହେବେ। ଏହି ବ୍ରିଜ୍ କାମ ୨୦୨୫ ଜାନୁଆରୀ ମାସ ଶେଷ ସୁଦ୍ଧା ସମାପ୍ତ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି।



ବ୍ରିଜ୍‌ର ବଳକା ଅଂଶ ନିର୍ମାଣ କରାଯାଉଛି ।

ସୂଚନାଯୋଗ୍ୟ, ଦେଓ ନଦୀ ଉପରେ ୨୦୧୮ ଜୁନ୍ ୩୦ ତାରିଖରେ ୯୫୯.୦୮ ଲକ୍ଷ ଟଙ୍କା ବ୍ୟୟରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ୨୦୨୦ ଜୁନ୍ ୨୯ ତାରିଖ ସୁଦ୍ଧା କାମ ଶେଷ କରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ସେତୁରେ ୫ଟି ପିଲର୍ (ସ୍ତମ୍ଭ) ନିର୍ମାଣ ଓ ସ୍ଲାବିଂ ହୋଇଥିଲା। ଏହାର ଆଉ ଗୋଟିଏ ପିଲର୍ ଓ ଆପ୍ରୋଚ ରୋଡ୍ ତିଆରି ବେଳେ ଉକ୍ତ ଜମିକୁ ବ୍ୟକ୍ତିଗତ ଦର୍ଶାଇ ସ୍ଥାନୀୟ ଲୋକେ କାର୍ଯ୍ୟ ବନ୍ଦ କରିଦେଇଥିଲେ। ଗତ ସେପ୍ଟେମ୍ବର ମାସରେ ପାନପୋଷ ଉପଜିଲାପାଳ ଉକ୍ତ ବ୍ୟକ୍ତିଙ୍କୁ ଜମି ଭରଣା ରାଶି ପ୍ରଦାନ କରିବା ପରେ ଅସମ୍ପୂର୍ଣ୍ଣ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଆଗେଇଥିଲା। ଜାନୁଆରୀ ମାସ ସୁଦ୍ଧା ଏହାର କାମ ସମ୍ପୂର୍ଣ୍ଣ ହୋଇଯିବ ବୋଲି ପାନପୋଷ ଉପଜିଲାପାଳ ବିଜୟ ନାୟକ କହିଛନ୍ତି।

ଉଲ୍ଲେଖନୀୟ, ଏହି ସେତୁ ଅସମ୍ପୂର୍ଣ୍ଣ ଥିବାରୁ ବର୍ଷାଦିନେ ଗ୍ରାମବାସୀ ୩୦ ଫୁଟ୍ ଶିଡ଼ି ଦ୍ୱାରା ସେତୁ ଉପରକୁ ଆସି ରାଉରକେଲାକୁ ଯାଆସ କରୁଥିଲେ। ପ୍ରାୟ ୬ ମାସ ତଳେ ବିରମିତ୍ରପୁର ବିଧାୟକ ରୋହିତ ଯୋଶେଫ୍ ତିର୍କୀ ଓ ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଏକ ଅସ୍ଥାୟୀ ପୋଲ ନିର୍ମାଣ କରିଥିଲେ। ଏଥିରେ ଗ୍ରାମବାସୀ ଯିବାଆସିବା କରୁଥିଲେ। ତେବେ ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ସମସ୍ୟା ସମାଧାନ ହେବା ପରେ ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି।

# ନାଟକ ଜୀବନ ଯେମିତି ମଞ୍ଚସ୍ଥ

### ଇସ୍ପାତ ନାଟ୍ୟ ମହୋତ୍ସବର ଷଷ୍ଠ ସନ୍ଧ୍ୟା

ରାଉରକେଲା,୭।୧୨ (ସଙ୍ଗୀତା ଜେନା)

ଏକତ୍ର ରାଉରକେଲାର ଇସ୍ପାତ ନାଟ୍ୟ ମହୋତ୍ସବ-୨୦୨୪ର ଷଷ୍ଠ ସନ୍ଧ୍ୟାରେ ରଙ୍ଗମଞ୍ଚର ନାଟକ 'ଜୀବନ ଯେମିତି' ମଞ୍ଚସ୍ଥ ହୋଇଛି। ଝିଲିମା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ବିଶିଷ୍ଟ ଶ୍ରମିକ ନେତା ବିଷ୍ଣୁ ଚରଣ ମହାନ୍ତି ଯୋଗ ଦେଇଥିଲେ। ଶ୍ରମିକ ନେତା ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥି, ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର ପଟ୍ଟନାୟକ, ଶର୍ମିଷ୍ଠା କବି ଶତପଥୀ, ଆନନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଭାସ୍କର ଚନ୍ଦ୍ର ମହାପାତ୍ର ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାଜକୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ନାଟ୍ୟକାର ଡ. ପଞ୍ଚାନନ ପାତ୍ର ଓ କୈଳାଶ ପାଣିଗ୍ରାହୀଙ୍କ ନିର୍ଦ୍ଦେଶିତ 'ଜୀବନ ଯେମିତି' ନାଟକର କାହାଣୀ ଏମିତି। ଜଣେ ମଣିଷ ଅନ୍ୟ ଜଣେ ମଣିଷକୁ ବୁଝିପାରିଲେ ପରିବାର ତିଷ୍ଠି ରହେ। ସମାଜ ବଞ୍ଚିରହେ। କିନ୍ତୁ ବେଳେବେଳେ ଜୀବନରୁ ଛନ୍ଦ ହଜିଗଲେ ଭୁଶୁଡି ପଡେ ସମ୍ପର୍କର ସେତୁ । ପୁଣି ଥରେ ଜୀବନର ଛନ୍ଦ ଫେରିଲା ବେଳକୁ ଅନେକ କିଛି ନଷ୍ଟ ଭ୍ରଷ୍ଟ ହୋଇଯାଇଥାଏ। ହଜିଯାଇଥାଏ ବୟସ। ସେତେବେଳକୁ ଅନୁତାପ ଛଡା ଆଉ କିଛି ନ ଥାଏ। ଏଭଳି କାହାଣୀକୁ ନେଇ ନାଟକଟି ଗତିଶୀଳ ହୋଇଛି। ଏଥିରେ ସୁଦେଶ ନାୟକ, ଉମାଶଙ୍କର ପଣ୍ଡା, ସରୋଜ ଶଙ୍ଖୁଆ, ସୌମ୍ୟରଞ୍ଜନ ଲେଙ୍କା, ଦେବଜିତ ପଟ୍ଟନାୟକ, ସୌମ୍ୟା ସୁଚରିତା ଓ କୈଳାଶ ପାଣିଗ୍ରାହୀ ପ୍ରମୁଖ ଅଭିନୟ କରିଥିଲେ। ଅମୂଲ୍ୟ ବିଶୋଇ ସଙ୍ଗୀତ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ ମଞ୍ଚ ପରିଚାଳନା, ହରିହର ବଳ ରୂପସଜ୍ଜା ଏବଂ ସାଗର ସ୍ୱରୂପ ସ୍ୱାଇଁ ଆଲୋକ ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ନାୟକ, ଅକ୍ଷୟ ଧଳ, ଡ. ସମର ମୁଦାଲି, ରମେଶ ମହାନ୍ତି, ଡ. କୃପାସିନ୍ଧୁ ନାୟକ, ବିଜୟ ପାତ୍ର, ପ୍ରବୀର ଜେନା ପ୍ରମୁଖ ସହଯୋଗ କରିଥିଲେ। କଲ୍ୟାଣୀ ଦାସ ଓ ସନ୍ଧ୍ୟା ପଟ୍ଟନାୟକ ମଞ୍ଚ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ନାଟ୍ୟ ମହୋତ୍ସବରେ ମଞ୍ଚାସୀନ ଅତିଥିଗଣ।



ପରିବେଷିତ ନାଟକର ଏକ ଦୃଶ୍ୟ।

### ହିଂସ୍ର ହେଉଛନ୍ତି ବୁଲା କୁକୁର

# ଗୋଟିଏ ବର୍ଷରେ ୮ ହଜାର ଆହତ

ରାଉରକେଲା,୭।୧୨ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ବୁଲା କୁକୁରଙ୍କ ସଂଖ୍ୟା ବଢିଚାଲିଛି। ରାସ୍ତାଘାଟରେ ସେମାନଙ୍କ ଅବାଧ ବିଚରଣ ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ସେହିପରି କୁକୁର କାମୁଡାରେ ଗତ ବର୍ଷକ ମଧ୍ୟରେ ପ୍ରାୟ ୮ ହଜାର ଲୋକ ଆହତ ହୋଇ ଆର୍‌ଜିଏଚ୍‌ରେ ଚିକିତ୍ସିତ ହୋଇଛନ୍ତି। ଅନ୍ୟପଟେ ପ୍ରାଣୀ ସମ୍ପଦ ବିଭାଗ ବୁଲା କୁକୁରଙ୍କ ଜନ୍ମ ସର୍ବେକ୍ଷଣ କାର୍ଯ୍ୟ ବନ୍ଦ କରିଦେଇଥିବା ଜଣାପଡିଛି।

୨୦୨୩ରେ ପୁରୁଷ ହକି ବିଶ୍ୱକପ୍ ବେଳେ ରାଉରକେଲା ପ୍ରାଣୀଧନ ବିଭାଗ ଓ ଆର୍‌ଏମ୍‌ସି ମିଳିତ ଭାବେ ସହରରେ ବୁଲାକୁକୁରଙ୍କ ସର୍ବେକ୍ଷଣ କରିଥିଲେ। ପ୍ରାଣୀଧନ ବିଭାଗ ସୂଚନା ଅନୁସାରେ ସହରରେ ବୁଲାକୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇବା ସହରର ପରିବେଶ ପାଇଁ ହାନିକାରକ। ଏଣୁ ସହରର ବୁଲା କୁକୁରଙ୍କ ସୁରକ୍ଷା ଓ ପରିବେଶ ସନ୍ତୁଳନ ଲାଗି ୨୦୨୩ରେ ସର୍ବେକ୍ଷଣ କରାଯାଇଥିଲା। ପାରିପାର୍ଶ୍ୱିକ ପରିବେଶ ଏବଂ ବୁଲା କୁକୁରଙ୍କ ହିତାର୍ଥେ ସର୍ବେକ୍ଷଣ, ଲିଙ୍ଗ ନିରୂପଣ, ବନ୍ଧ୍ୟାକରଣ, ଟିକାକରଣ



ବାସନ୍ତୀ କଲୋନୀର ଏକ ଅଳିଆ ଗଦାରେ ବୁଲା କୁକୁର ।

ଓ ଚିକିତ୍ସା ଆଦି କରାଯାଇ ସହରରେ ବୁଲା କୁକୁରଙ୍କ ସଂଖ୍ୟା ୨୦ହଜାର ମଧ୍ୟରେ ସୀମିତ ରଖାଗଲା। ମାତ୍ର ୨୦୨୩ ପରେ ବିଗତ ଏକ ବର୍ଷ ହୋଇଗଲାଣି ଏହିସବୁ କାର୍ଯ୍ୟକ୍ରମ ସହରରେ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଫଳରେ ସହରରେ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇ ଚାଲିଛି। ଖାଦ୍ୟାଭାବ ଯୋଗୁ ବୁଲା କୁକୁର ହିଂସ୍ର ହେଉଥିବା ବେଳେ ବହୁ ସ୍ଥାନରେ ସେମାନେ ମାନବୀୟ ଆକ୍ରମଣ ତଥା ଯାନବାହନ ଦ୍ୱାରା ମରୁଛନ୍ତି। ଅନ୍ୟପଟେ ଉଚ୍ଚ ନ୍ୟାୟାଳୟ ଉକ୍ତ କାର୍ଯ୍ୟକ୍ରମ ଉପରେ ସ୍ଥଗିତାଦେଶ ଲଗାଇଥିବାରୁ ସମସ୍ତ କାର୍ଯ୍ୟକ୍ରମ ସ୍ଥଗିତ ରଖାଯାଇଥିବା କହି ବିଭାଗ ଚୁପ୍ ହୋଇ ବସିଛି। ବୁଲା କୁକୁର ଆକ୍ରମଣ ଜନିତ ମାମଲା ଗୋଟିଏ ବର୍ଷ ମଧ୍ୟରେ ୮ହଜାର ଛୁଇଁଲାଣି। ଦୈନିକ ସହରର ରାସ୍ତା, ଡ୍ରେନ ଏବଂ ଅଳିଆ ଗଦାରେ ବୁଲା କୁକୁରଙ୍କ ଗଳିତ ଶବ ପଡୁଛି। ଫଳରେ ସହରର ପରିବେଶ ଦୂଷିତ ହେଉଛି।

ଏ ନେଇ ରାଉରକେଲା ପ୍ରାଣୀଧନ ବିଭାଗୀୟ ଅଧିକାରୀ ଡାକ୍ତର ପ୍ରସନ୍ନ କୁମାର ମହାରଣାଙ୍କୁ ପଚାରିବାରୁ ସେ କହିଲେ, ୨୦୨୩ ହକି ବିଶ୍ୱକପ୍ ପୂର୍ବରୁ ସହରରେ ବୁଲା କୁକୁରଙ୍କ ସର୍ବେକ୍ଷଣ ହୋଇଥିଲା। ମାତ୍ର ବର୍ତ୍ତମାନ ବୁଲା କୁକୁରଙ୍କ ସୁରକ୍ଷା କାର୍ଯ୍ୟକ୍ରମ ଉପରେ ଉଚ୍ଚ ନ୍ୟାୟାଳୟ ସ୍ଥଗିତାଦେଶ ଜାରି କରିଛନ୍ତି। ଫଳରେ ଏ ସମ୍ପର୍କିତ ସମସ୍ତ କାର୍ଯ୍ୟକ୍ରମ ବର୍ଷେ ହେଲା ସ୍ଥଗିତ ରହିଛି। ସ୍ଥଗିତାଦେଶ ଉଠିଲା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମହାରଣା କହିଛନ୍ତି।

## ସଂକ୍ଷେପରେ

### ଭବାନୀପାଟଣା ଏସ୍‌ଡିପିଓ ଭାବେ ଯୋଗଦେଲେ ଆଜିଙ୍କ୍ୟ ମାନେ



ଭବାନୀପାଟଣା,୭।୧୨(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣା ସଦର ପୋଲିସ ଏସ୍‌ଡିପିଓ ଭାବରେ ଆଇପିଏସ୍ ଅଧିକାରୀ ଆଜିଙ୍କ୍ୟ ମାନେ ଯୋଗ ଦେଇଛନ୍ତି। ପ୍ରଥମ ଥର ପାଇଁ ଜଣେ ଆଇପିଏସ୍ ପୋଲିସ ଅଧିକାରୀ ଭାବେ ସେ ଯୋଗଦେଇଛନ୍ତି। ସେ ୨୦୨୨ ମସିହା ଆଇପିଏସ୍ କ୍ୟାଡର ଅଟନ୍ତି। ପୂର୍ବରୁ ସେ ଭବାନୀପାଟଣା ସଦର ଓ ଟାଉନ ଥାନାରେ ଜିଲା ଟ୍ରେନି ଭାବରେ କାର୍ଯ୍ୟ କରିଛନ୍ତି। ଭବାନୀପାଟଣା ସଦର ଓ ଟାଉନ ଅଞ୍ଚଳରେ ଆଇନଶୃଙ୍ଖଳା ବ୍ୟବସ୍ଥାର ନିୟନ୍ତ୍ରଣ, ବିଭିନ୍ନ କେସ୍‌ର ତଦନ୍ତ, ଟ୍ରାଫିକ ବ୍ୟବସ୍ଥା, ମହିଳା ଓ ଶିଶୁଙ୍କ ଉପରେ ହେଉଥିବା ନିର୍ଯାତନା ରୋକିବା, ସୁରକ୍ଷିତ ସହର, ଲୋକଙ୍କ ନିକଟତର ହେବା ଓ ସାଧାରଣ ଲୋକ କିଭଳି ନ୍ୟାୟ ପାଇବେ ଏହା ଉପରେ ସେ ପ୍ରାଥମିକତା ଦେବେ ବୋଲି କହିଥିଲେ।

### ମଦ ଜବତ, ଯୁବକ କୋର୍ଟ ଚାଲାଣ

ଖଡ଼ିଆଳ,୭।୧୨ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଚନାବେଡ଼ା ରାସ୍ତାରୁ ପୋଲିସ ବିଦେଶୀ ମଦ ଜବତ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବରପଦର ଗ୍ରାମର ଯୁଧିଷ୍ଠିର ବେହେରା। ସୂଚନାକ୍ରମେ ଯୁଧିଷ୍ଠିର ବାଇକ୍ (ଓଡି ୨୬ଏ-୧୬୯୬) ଯୋଗେ ମଦ ନେଉଥିବା ବିଶେଷ ସୂତ୍ରରୁ ଜାଣିପାରି ପୋଲିସ ଚଢ଼ାଉ କରିଥିଲା। ଚନାବେଡ଼ାଠାରେ ପୋଲିସ ତାଙ୍କୁ କାବୁକରି ବାଇକ୍‌ରେ ଥିବା ୪୦.୮୫ ଲିଟର ବିଦେଶୀ ମଦ ଜବତ କରିଥିଲା। ଯୁଧିଷ୍ଠିରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖଡ଼ିଆଳ ଥାନା ଅଧିକାରୀ ଦିଲୀପ ସାହୁ ପ୍ରକାଶ କରିଛନ୍ତି।



# ଚାଷୀ ଆଧୁନିକ କୃଷି ପ୍ରଣାଳୀ ଆପଣେଇବା ଉପରେ ଗୁରୁତ୍ୱ

ଭବାନୀପାଟଣା,୭।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା କୃଷି ମହାବିଦ୍ୟାଳୟ (ଓୟୁଏଟି) ପଡିଆରେ ଶନିବାର ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଆୟୋଜିତ ମେଳା ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥିରେ ଉନ୍ନତ କୃଷି ଯନ୍ତ୍ରପାତି ପ୍ରଦର୍ଶନ ଓ ବିକ୍ରୟ, ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ଆର୍ଥିକ ସହାୟତା, କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାର ପ୍ରଚାର ଓ ପ୍ରସାର, ବ୍ୟାଙ୍କ ସହାୟତା ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣ ବ୍ୟବସ୍ଥା, ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରିମ ବୁକିଂ ସୁବିଧା ରହିଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ଯୋଗଦେଇ ମେଳାର ଶୁଭ ଉଦ୍‌ଘାଟନ କରି କୃଷି ଯନ୍ତ୍ରପାତି ଓ ଆନୁଷଙ୍ଗିକ ବିଭାଗର ଷ୍ଟଲ ବୁଲି ଦେଖିଥିଲେ। ମୁଖ୍ୟ ଅତିଥି ଦିଶାରି ତାଙ୍କ ବ୍ୟକ୍ତବ୍ୟରେ ଏହି ମେଳା ଆୟୋଜନର ତାତ୍ପର୍ଯ୍ୟ ଉପରେ



କୃଷି କ୍ଷେତ୍ରରେ ବ୍ୟବହାର ପାଇଁ ଜଣେ ଚାଷୀଙ୍କୁ ଟ୍ରାକ୍ଟର ଚାବି ପ୍ରଦାନ କରାଯାଉଛି।

**ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ**

ଉଲ୍ଲେଖ କରି ଆଧୁନିକ କୃଷି ପ୍ରଣାଳୀ ଆପଣେଇ ଜିଲାର ଚାଷୀମାନେ କିପରି ଅଧିକ ଲାଭବାନ ହୋଇପାରିବେ ତା' ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ମୁଖ୍ୟ ଜିଲା କୃଷି ଅଧିକାରୀ ମଳୟ କୁମାର ପରିଡା, ଭବାନୀପାଟଣା କୃଷି ବିଜ୍ଞାନ କେନ୍ଦ୍ରର କୃଷି ବୈଜ୍ଞାନିକ ଅମିତାଭ ପଣ୍ଡା, ଡିନ୍ କୃଷି ମହାବିଦ୍ୟାଳୟ ଶାନ୍ତନୁ କୁମାର ତ୍ରିପାଠୀ, ଉପନିର୍ଦ୍ଦେଶକ ଉଦ୍ୟାନ କୃଷି ବିଷ୍ଣୁ ପ୍ରସାଦ ସିଂ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜୁନାଗଡ଼ ଆତ୍ମାର ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ଭବାନୀପାଟଣା ଅଧ୍ୟକ୍ଷ ସଚ୍ଚିଦାନନ୍ଦ ମହାକୁଡ଼, ଲିଡ୍ ଜିଲା ମ୍ୟାନେଜର ଧର୍ମରାଜ ସୁନାନୀ, ଅଧ୍ୟକ୍ଷ ଆତ୍ମା ଥୁଆମୂଳ ରାମପୁର ମାଣିକ୍ୟ ନାୟକ ଯୋଗଦେଇ ଏହି ମେଳା ମାଧ୍ୟମରେ ଚାଷୀମାନେ କିପରି ଆଧୁନିକ କୃଷି ପ୍ରଣାଳୀ ଆପଣେଇ ଲାଭବାନ ହୋଇପାରିବେ ତା' ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟାକ୍ରମରେ ଅଧାପିକା ଆକାଶବାଣୀ ଉଦ୍‌ଘୋଷିକା ଲିପ୍ସା ମହାରଣା ମଞ୍ଚ ପରିଚାଳନା କରିଥିଲେ।

# ପଞ୍ଚାୟତ ଆକାଉଣ୍ଟରୁ ଭତ୍ତା ଟଙ୍କା ଉଭାନ

ନୂଆପଡ଼ା,୭।୧୨ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ୍ କୋନାବିରା ପଞ୍ଚାୟତ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ଅଜାଣତରେ ବାର୍ଦ୍ଧକ୍ୟଭତ୍ତା ବାବଦ ଟଙ୍କା ବ୍ୟାଙ୍କ ଆକାଉଣ୍ଟରୁ ଉଭାନ ହୋଇଥିବା ଅଭିଯୋଗ ହୋଇଛି। ଏହା ଜଣାପଡିବା ପରେ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ସୂଚନା ମତେ କୋନାବିରା ପଞ୍ଚାୟତକୁ ପ୍ରତି ମାସରେ ବାର୍ଦ୍ଧକ୍ୟଭତ୍ତା ବାବଦକୁ ଲକ୍ଷାଧିକ ଟଙ୍କା ଆସିଥାଏ। ବ୍ଲକ୍ କର୍ତ୍ତୃପକ୍ଷ ନୂଆପଡ଼ାସ୍ଥିତ ଆକ୍ସିସ ବ୍ୟାଙ୍କରେ ପଞ୍ଚାୟତ ନାମରେ ଥିବା ଭତ୍ତା ଆକାଉଣ୍ଟରେ ଟଙ୍କା ଜମା କରନ୍ତି। ଉକ୍ତ ଟଙ୍କାକୁ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ଯୁଗ୍ମ ସ୍ୱାକ୍ଷରରେ ଉଠାଣ କରାଯାଇ ମଧୁବାବୁ ପେନ୍‌ସନ ଯୋଜନାରେ ନଗଦ ଟଙ୍କା ହିତାଧିକାରୀଙ୍କୁ ନିର୍ବାହୀ ଅଧିକାରୀ କିମ୍ବା ଅନ୍ୟ କର୍ମଚାରୀ ପ୍ରଦାନ କରନ୍ତି। ଗତ ଅକ୍ଟୋବର ୨୩ରେ ପଞ୍ଚାୟତ ଭତ୍ତା ଆକାଉଣ୍ଟରେ ୧ ଲକ୍ଷ ୩୦ ହଜାର ଟଙ୍କା ନିର୍ବାହୀ ଅଧିକାରୀଙ୍କ ଅଗୋଚରରେ କେହି ଜାଲ୍ ଦସ୍ତଖତ କରି ଟଙ୍କା ଉଠାଣ କରି ନେଇଥିବା ନେଇ କୋମନା ବିଡିଓଙ୍କ ପାଖରେ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ପାଇଁ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାଙ୍କ ଚେକ୍ ପଞ୍ଚାୟତ କାର୍ଯ୍ୟାଳୟରୁ କିଭଳି ଭାବରେ ଟଙ୍କା ଉଠାଣକାରୀ ପାଖକୁ ଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସିସିଟିଭି ଫୁଟେଜରେ ଜଣେ ବ୍ୟକ୍ତି ଟଙ୍କା ଉଠାଣ କରୁଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଜିଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆଙ୍କୁ ପଚାରିବାରୁ ଆମ ପାଖକୁ ଅଭିଯୋଗ ଆସି ନାହିଁ। ଅଭିଯୋଗ ଆସିଲେ ତଦନ୍ତ କରି ସତ୍ୟାସତ୍ୟ ଜଣା ପଡିଲେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ଶିଶୁ କଳାକାରଙ୍କ ନାଟକ ମନ ମୋହିଲା




ଭବାନୀପାଟଣା,୭।୧୨(ଉତ୍ତମ କୁମାର ଦାଶ)

**ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା**

ଶିଶୁ ନାଟକ ଓ ନୃତ୍ୟ ପ୍ରତି ସମର୍ପିତ ସଙ୍ଗମ ଅନୁଷ୍ଠାନ ପକ୍ଷରୁ ଏକାଦଶତମ ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ମହୋତ୍ସବ ଭବାନୀପାଟଣା ଟାଉନ ହଲଠାରେ ଅନୁଷ୍ଠିତ ହେଉଛି। ଶନିବାର ତୃତୀୟ ସନ୍ଧ୍ୟାରେ ଅତିଥି ଭାବେ ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରା, ନାଟ୍ୟକାର ଡ. ଉମେଶ ଚନ୍ଦ୍ର ଶତପଥୀ, ବରିଷ୍ଠ କଳାକାର ଶାନ୍ତନୁ କୁମାର ମୁଣ୍ଡ, ସଙ୍ଗମର ଅଧ୍ୟକ୍ଷ ନାଟ୍ୟକାର ରାଜେନ୍ଦ୍ର ପାଢ଼ୀ ଯୋଗଦେଇଥିଲେ। ଏହି ଅବସରରେ ପ୍ରଥମେ ଅରୁଣ ପାଣିଗ୍ରାହୀଙ୍କ ରଚିତ ଓ ବିରଞ୍ଚି ନାରାୟଣ ସାହୁଙ୍କ ନିର୍ଦ୍ଦେଶିତ 'ଆଏଁକ ଖୁଲଲା' ନାଟକକୁ ବୃନ୍ଦାବନ କଲଚରାଲ ଏକାଡେମୀ ପକ୍ଷରୁ ପରିବେଷଣ କରାଯାଇଥିଲା। ସେହିପରି ମୈତ୍ରୀ ପଣ୍ଡାଙ୍କ ରଚିତ ଓ ସୌରଭ ପ୍ରକାଶ ପଣ୍ଡା ନିର୍ଦ୍ଦେଶିତ 'ଅଭିମାନ ଓ ସ୍ୱାଭିମାନ'କୁ ହାଇଟେକ ପବ୍ଲିକ ସ୍କୁଲ, ଗିରିଶ ଚନ୍ଦ୍ରଙ୍କ ରଚନା ଓ ନିର୍ଦ୍ଦେଶନାରେ ନାଟକ 'ଭ୍ରଷ୍ଟାଚାର'କୁ ଲଛିପୁର ସାଂସ୍କୃତିକ ଅନୁଷ୍ଠାନ ଓ ଶେଷରେ ନାଟ୍ୟକାର ସୁମତି ମୁଣ୍ଡଙ୍କ ରଚନା ଓ ଗୋଦାବରୀଶ ମିଶ୍ରଙ୍କ ନିର୍ଦ୍ଦେଶନାରେ ନାଟକ 'ପରୀକ୍ଷା' ଭବାନୀପାଟଣା ବ୍ରଜବିହାରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କଳାକାରମାନେ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିବା ବେଳେ ରାଧେଶ୍ୟାମ ଦାଶ, ଚକ୍ରଧର ମହାରଣା ସହାୟତା କରିଥିଲେ। ସଙ୍ଗମର ଶୁଭ୍ରାଂଶୁ ଶେଖର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ କଳାକାରଙ୍କ ଦ୍ୱାରା ଆୟୋଜିତ ନାଟକ ଉପସ୍ଥିତ ଦର୍ଶକଙ୍କୁ ମନ ମୋହିଥିଲା।


ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି ଛାତ୍ରୀଛାତ୍ର।

# ସମ୍ବଲପୁରୀ ନାଚଗୀତରେ ଦୁଲୁକିଲା ମଞ୍ଚ

ନୂଆପଡ଼ା,୭।୧୨ (ମକାରୁ ବେମାଲ)

**କୋଶଲୀ ସାଂସ୍କୃତିକ ମହୋତ୍ସବର ଦ୍ୱିତୀୟ ରଜନୀ**

ସ୍ଥାନୀୟ ପୋଲିସ ପଡିଆ ରଙ୍ଗମଞ୍ଚରେ ଚାଲିଥିବା କୋଶଲୀ ସାଂସ୍କୃତିକ ମହୋତ୍ସବର ଶନିବାର ଦ୍ୱିତୀୟ ରଜନୀରେ ସମ୍ବଲପୁରୀ ନାଚଗୀତରେ ମଞ୍ଚ ଦୁଲୁକି ଉଠିଛି। ଅଶ୍ୱିନୀ କୁମାର ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲାପାଳ ଯୋଗେନ୍ଦ୍ର ମାଝି ଯୋଗ ଦେଇଥିବା ବେଳେ ଓସିଏ ସଦସ୍ୟ ସରୋଜ କୁମାର ସାହୁ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ସାକେତ ଶ୍ରୀଭୂଷଣ ସାହୁ ଯୋଗଦେଇ କୋଶଲୀ ଭାଷା ଉପରେ ଆଲୋକପାତ କରିଥିଲେ। କୋଶଲୀ ଭାଷା, ସାହିତ୍ୟ ଓ ସଂସ୍କୃତି ଉଜ୍ଜୀବିତ ସକାଶେ ମହୋତ୍ସବ ଆୟୋଜନ କରାଯାଉଛି। ଏଥିରେ ଅଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଡ୍ୟାନ୍ସ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ନୃତ୍ୟରେ ସାତ ଜୁଆରି କଳା ଅନୁଷ୍ଠାନ ପାଟଣାଗଡ, ଢାପ ପଏଁରି କଳା ପରିଷଦ ଟିଁଟିଲାଗଡ, ସଙ୍ଗିତ ପରିଷଦ ପଦ୍ମପୁର, ଦୁରବା ଡ୍ୟାନ୍ସ ଗ୍ରୁପ କୋରାପୁଟ, ଧରମବନ୍ଧା ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖରିଆର ରୋଡ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖରିଆର ରୋଡ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁଲିଆବନ୍ଧା, କେଭିପିପି ନୂଆପଡ଼ା, ମହାମାୟା କଲେଜ ନୂଆପଡା, ଶ୍ରୀ ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଘାଟିପଡା, ନବୋଦିତ୍ୟା କଲେଜ ଖରିଆର ରୋଡର ଛାତ୍ରୀଛାତ୍ର ଭାଗ ନେଇଥିଲେ । ସମ୍ବଲପୁରୀ ନୃତ୍ୟର ତାଳେ ତାଳେ ଦର୍ଶକ ଝୁମିଉଠିଥିଲେ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକ ମୃତ

ଜୟପାଟଣା,୭।୧୨(ଓମ୍ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଉଛୁଲା ପଞ୍ଚାୟତ କୁଣ୍ଡିଗୁଡା ଗ୍ରାମରେ ଶୁକ୍ରବାର ରାତିରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପରମାନନ୍ଦ ରାଉତ (୨୦)। ସୂଚନା ଅନୁଯାୟୀ, ପରମାନନ୍ଦ ଶୁକ୍ରବାର ଦିଗମ୍ବର ରାଉତଙ୍କ ଚାଷଜମିକୁ ଧାନ କାଟିବାକୁ ଯାଇଥିଲେ। ଏହି ସମୟରେ ବିଲ ଭିତର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ଥିବା ଆର୍ଥିଙ୍ଗ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାର ୧୫ଘଣ୍ଟା ପରେ ବି ବିଭାଗୀୟ ଅଧିକାରୀ ପହଞ୍ଚି ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରିବାର ଲୋକେ କ୍ଷତିପୂରଣ ନ ଦେବା ଯାଏ ମୃତ ଦେହ ଉଠାଇବାକୁ ମନା କରିବାରୁ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ବିଦ୍ୟୁତ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦେବାର ପ୍ରତିଶ୍ରୁତି ଦେବା ପରେ ମୃତଦେହ ଉଠିଥିଲା। ଅନ୍ୟପଟେ ଜୟପାଟଣା ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

# ଓଏଭି ପରିଚାଳନା କମିଟି ବୈଠକ


ବିଦ୍ୟାଳୟ ପରିସରରେ ଜିଲାପାଳଙ୍କ ସହ ଅନ୍ୟମାନେ।

ବୋଡ଼େନ,୭।୧୨ (ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ୍ କେଶରାଜପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ଠାରେ ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଚିତ୍ତରଞ୍ଜନ ମଟାରି ସ୍ୱାଗତ ଅଭିଭାଷଣ ରଖିଥିଲେ। ସଭାରେ ବିଡିଓ ସୁଶାନ୍ତ କୁମାର ରଣା, ବିଇଓ ରୁଦ୍ରେଶ୍ୱର ମେହେର, ବୋଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସଞ୍ଜୀବ ନାଏକ, ପିଡବ୍ଲ୍ୟୁଡି ଯନ୍ତ୍ରୀ ଅମୋଘ ପଣ୍ଡା, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆଶୁତୋଷ ରାଉତ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିଶେଷକରି ବିଦ୍ୟାଳୟର ବିଭିନ୍ନ ଖର୍ଚ୍ଚ ଉପରେ ଆଲୋଚନା ହୋଇଥିବାବେଳେ ସମସ୍ତ ଫଣ୍ଡର ଉଚିତ ବିନିଯୋଗ କରିବାକୁ ଜିଲାପାଳ ଆହ୍ୱାନ କରିଥିଲେ। ମୌଳିକ ଶିକ୍ଷା ଉପରେ ଜିଲାପାଳ ଗୁରୁତ୍ୱ ଦେଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଅତିରିକ୍ତ କ୍ଲାସ୍ ସହ ସାପ୍ତାହିକ ପରୀକ୍ଷା ଏବଂ ଷଷ୍ଠରୁ ନବମ ଶ୍ରେଣୀ ପିଲାଙ୍କ ମାସିକ ପରୀକ୍ଷା କରିବା ପାଇଁ କହିଥିଲେ।

# ମିଶନ ହସ୍ପିଟାଲକୁ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ ପାଇଁ ମନ୍ତ୍ରୀଙ୍କୁ ଚିଠି

ଖଡ଼ିଆଳ,୭।୧୨(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲାର ଖଡ଼ିଆଳ ମିଶନ ହସ୍ପିଟାଲ(ଇଭାଞ୍ଜିକାଲ)କୁ ଗୋପବନ୍ଧୁ ଜନ ଆରୋଗ୍ୟ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ କରିବା ପାଇଁ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଚିଠି ଲେଖିଛନ୍ତି। ସେ ଏଥିରେ ଦର୍ଶାଇଛନ୍ତି, ଉକ୍ତ ମିଶନ ହସ୍ପିଟାଲ ଉପରେ ନୂଆପଡ଼ା ସମେତ ପଡ଼ୋଶୀ ବରଗଡ଼, ଛତିଶଗଡ଼, ବାଲାଙ୍ଗୀର ଜିଲାର ରୋଗୀ ନିର୍ଭର କରନ୍ତି। ହସ୍ପିଟାଲକୁ ବିଗତ ବର୍ଷରେ ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ କରାଯାଇଥିବାବେଳେ ସେ ସମୟରେ ୩୦୦୦ ରୋଗୀ ଉପକୃତ ହୋଇଥିଲେ। ଏଠାରେ ଅନେକ ଗର୍ଭବତୀ ମହିଳା ଜରୁରିକାଳୀନ ପରିସ୍ଥିତିରେ ରକ୍ତ ଆବଶ୍ୟକ କରନ୍ତି। ଫଳରେ ସେମାନଙ୍କୁ ଖଡ଼ିଆଳରୁ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥାଏ। ଖଡ଼ିଆଳଠାରୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ୭୦ କି.ମି. ଦୂରରେ ଥିବାରୁ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ଏହି ହସ୍ପିଟାଲକୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ କରାଗଲେ ଅଞ୍ଚଳର ବହୁ ରୋଗୀ ଉପକୃତ ହୋଇପାରନ୍ତେ ବୋଲି ବିଧାୟକ ଚିଠିରେ ଉଲ୍ଲେଖ କରିଛନ୍ତି।

# କିନ୍ନର ହେବେ ସଶକ୍ତ ଓ ସ୍ୱାବଲମ୍ବୀ

ନୂଆପଡ଼ା,୭।୧୨ (ମକାରୁ ବେମାଲ)

ନୂଆପଡ଼ା ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ସ୍ୱରୋଜଗାର ତାଲିମ କେନ୍ଦ୍ରଠାରେ କିନ୍ନରଙ୍କ ୧୦ ଦିନିଆ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୩୫ ଜଣ କିନ୍ନର ସାମିଲ ହୋଇଥିଲେ। କିନ୍ନରଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଉ ତାଲିମ ପାଇବା ପରେ ସ୍ୱାବଲମ୍ବୀ ହେବା ପାଇଁ ଖୁବ୍ ଆଶାବାଦୀ ଅଛନ୍ତି କିନ୍ନରମାନେ। ଏଥିପାଇଁ ସେମାନେ ଜିଲା ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି। ବର୍ତ୍ତମାନ ସେମାନେ ଅଗରବତି ପ୍ରସ୍ତୁତିରେ ଲାଗିଛନ୍ତି। ଏହାସହ ଉଜାଲା, ମହମବତି, ହ୍ୟାଣ୍ଡୱାଶ୍, ଫିନାଇଲ ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ ପ୍ରସ୍ତୁତ କରିବେ। ପୂର୍ବରୁ ଅନ୍ୟମାନଙ୍କ ଭରସାରେ ଚଳୁଥିବାବେଳେ ଏବେ ନିଜେ କାମ କରି ରୋଜଗାର କରିବୁ ବୋଲି କିନ୍ନରମାନେ କହିଛନ୍ତି । ଏହାଦ୍ୱାରା କିନ୍ନରମାନେ ଆତ୍ମନିର୍ଭର ହେବା ସହ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ଜିଇଁବେ। ଆତ୍ମନିର୍ଭର ହେବା ସହ ମୁଖ୍ୟସ୍ରୋତରେ ସାମିଲ ହେବା ଅନ୍ୟମାନଙ୍କ ପାଇଁ ପ୍ରେରଣା ଦେବ ବୋଲି ଜିଲାପାଳ ମଧୁସୂଦନ ଦାଶ କହିଛନ୍ତି ।



ସାମଗ୍ରୀ ପ୍ରସ୍ତୁତକରି ପ୍ରଦର୍ଶନ କରୁଛନ୍ତି କିନ୍ନର।

# ଜୁନାଗଡ଼ ଏନ୍‌ଏସିରେ ଜାଲ୍ ଟେଣ୍ଡର ଅଭିଯୋଗ

ଭବାନୀପାଟଣା,୭।୧୨(ଉତ୍ତମ କୁମାର ଦାଶ)

- ଜିଲାପାଳଙ୍କୁ ଅଭିଯୋଗପତ୍ର ଦେଲେ ପୂର୍ବତନ ନଗରପାଳ
- ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ: ଜିଲାପାଳ

କଳାହାଣ୍ଡି ଜିଲା ଜୁନାଗଡ଼ ଏନ୍‌ଏସିରେ ଜାଲ ଟେଣ୍ଡର ହୋଇଥିବା ନେଇ ପୂର୍ବତନ ନଗରପାଳ ମୁକେଶ ଅଗ୍ରୱାଲ ଶନିବାର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଗତ ୨ ତାରିଖ ସୋମବାର ଏନ୍‌ଏସି ପକ୍ଷରୁ ପ୍ରକାଶ ପାଇଥିବା ଟେଣ୍ଡର ନଂ.୧୮୭୫ରେ ଏହା ହୋଇଥିବା ଦର୍ଶାଇଛନ୍ତି। ଏହି ଟେଣ୍ଡରରେ ୨୯ଟି ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବାବେଳେ ସେଥିରୁ ଅନେକ ପ୍ରକଳ୍ପର ଅନୁଦାନ ୧ଲକ୍ଷ ୯୯ ହଜାର କରାଯାଇଛି। ଫଳରେ ଟେଣ୍ଡର ଫିକ୍ସିଂ କରାଯିବା ନେଇ ସନ୍ଦେହ ପ୍ରକାଶ ପାଇଛି।

ଗୋଟିଏ ପ୍ରକଳ୍ପର ଅନୁଦାନ ୨ଲକ୍ଷ ଟଙ୍କା କରାଗଲେ ତାହା ଅନ୍‌ଲାଇନ ଟେଣ୍ଡର କରାଯିବା ନେଇ ନିୟମ ରହିଛି। ହେଲେ ଏଠାରେ ୧ହଜାର ଟଙ୍କା କମ୍ କରି ଠିକାଦାରଙ୍କୁ ସୁହାଇଲା ଭଳି କାର୍ଯ୍ୟ କରାଯାଇ ଅଫ୍‌ଲାଇନ ଜରିଆରେ ଟେଣ୍ଡର ଆହ୍ୱାନ କରାଯାଇଛି। ଏନ୍‌ଏସି କାଉନସିଲ ମିଟିଂରେ କେବଳ ପ୍ରକଳ୍ପର କାର୍ଯ୍ୟ ନିର୍ଦ୍ଧାରିତ କରାଯାଏ। ଏଠାରେ କିନ୍ତୁ ତା'ର ବ୍ୟତିକ୍ରମ ଦେଖାଦେଇଛି। ଏନ୍‌ଏସି କାଉନସିଲ ପ୍ରକଳ୍ପର ଅନୁଦାନ ନିଷ୍ପତ୍ତି ନେବା ଜନସାଧାରଣଙ୍କୁ ଚକିତ କରିଛି। ସେହିପରି ଆବଶ୍ୟକତା ନ ଥିବା ସ୍ଥାନରେ ଠିକାଦାରଙ୍କୁ ସୁହାଇଲା ଭଳି ଟେଣ୍ଡର ଡକାଯାଇଛି। ଏହି ଟେଣ୍ଡର ବିଷୟରେ ଅଧିକ ଜାଣିବା ପାଇଁ ଜୁନାଗଡ ଏନ୍‌ଏସି ୱେବସାଇଟ୍‌ରେ ଦର୍ଶାଯାଇଥିବା ଉଲ୍ଲେଖ କରାଯାଇଥିବାବେଳେ ପ୍ରକୃତପକ୍ଷେ ଗତ ୩ ଦିନ ହେଲା ଏହି ୱେବ୍‌ସାଇଟ୍‌ରେ ଦୃଶ୍ୟ ହେଉ ନ ଥିଲା। ଏହିସବୁ ଘଟଣାକୁ ଦେଖିଲେ ଏହା ଜାଲ ଟେଣ୍ଡର ହୋଇଥିବା ମନେହୁଏ। ଅଭିଯୋଗ ଗ୍ରହଣ କରିବା ପରେ ଜିଲାପାଳ ସଚିନ ପାୱାର ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ। ଏହାର ଏକକିତା ନକଲ ପିଡି ଡୁଡା, ଓଡିଶା ଭିଜିଲାନ୍ସ ନିର୍ଦ୍ଦେଶକ, ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଛନ୍ତି। ଯଦି ଏହାର ତଦନ୍ତ କରା ନ ଯାଏ ତା'ହେଲେ ଆଗାମୀ ଦିନରେ ଏନ୍‌ଏସି ସମ୍ମୁଖରେ ଧାରଣା ଦିଆଯିବ ବୋଲି ପୂର୍ବତନ ନଗରପାଳ ଅଗ୍ରୱାଲ ପ୍ରକାଶ କରିଛନ୍ତି। ଏ ନେଇ ଜୁନାଗଡ ଏନ୍‌ଏସି ଇଓ ପ୍ରମୋଦ କୁମାର ଖିଲୋଙ୍କ ୨ଟି ମୋବାଇଲ ନଂ.କୁ କଲ କରିବା ପରେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା।


ଜିଲାପାଳଙ୍କୁ ଲିଖିତ ଅଭିଯୋଗ ଦେଉଛନ୍ତି ପୂର୍ବତନ ନଗରପାଳ।

# ସୁରୁବାଲିଯୋର ପ୍ରକଳ୍ପ ଆଶା ବଢ଼ିଲା

## ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ସହ ବିଧାୟକଙ୍କ ଆଲୋଚନା

ଅମରପାଲି,୭।୧୨(ପୀତାମ୍ବର ସାହୁ)

ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ଏକ କୃଷି ପ୍ରଧାନ ଅଞ୍ଚଳ। ମାତ୍ର ଆବଶ୍ୟକ ଜଳ ସେଚନ ସୁବିଧା ନ ଥିବାରୁ ଅନେକ ସମୟର ଚାଷୀ ମରୁଡ଼ିର ଶିକାର ହୋଇଥାନ୍ତି। ତେବେ ଏହି ଅଞ୍ଚଳ ଦେଇ ଯାଇଥିବା ସୁରବାଲି ଯୋର ଉପରେ ଏକ ଜଳ ସେଚନ ପ୍ରକଳ୍ପ ପ୍ରସ୍ତାବ ଥିଲେ ମଧ୍ୟ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହା ଆଗେଇ ପାରୁ ନ ଥିଲା। ତେବେ ବର୍ତ୍ତମାନର ବିଧାୟକ ଇଂ.ରଘୁନାଥ ଜଗଦଲା ଏହି ପ୍ରକଳ୍ପ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଫଳରେ ପ୍ରସ୍ତାବିତ ସୁରୁବାଲି ଯୋର ସେଚ ପ୍ରକଳ୍ପ ହେବା ନେଇ ପୁଣି ଆଶା ସଞ୍ଚାର ହୋଇଛି। ବିଭାଗୀୟ ସର୍ଭେ ତଥା ତତ୍‌ସମ୍ବନ୍ଧୀୟ ଅଗ୍ରଗତି ପାଇଁ ବୀରମହାରାଜପୁର ବିଧାୟକ ଜଗଦଲା ଶନିବାର ଭୁବନେଶ୍ୱରସ୍ଥିତ ସେଚ ଭବନରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ସାଗର ମହାନ୍ତିଙ୍କ ସହିତ ଆଲୋଚନା କରିଛନ୍ତି। ଏହି ସମୟରେ ଉଚ୍ଚସ୍ତରୀୟ ବୈଷୟିକ ଅଧିକାରୀ ଟିମ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରସ୍ତାବିତ ସେଚପ୍ରକଳ୍ପ ପାଇଁ ମୁଖ୍ୟ ଜଳଧାରଣ ଆଇକଟ ଅଞ୍ଚଳ ଆକଳନ ତଥା ସେଚାଞ୍ଚଳର ଆଇକଟ ଆକଳନ ନେଇ ସର୍ଭେ କାର୍ଯ୍ୟ ଇତିମଧ୍ୟରେ ଶେଷ ପ୍ରକ୍ରିୟାରେ ଅଛି। ସେଚାଞ୍ଚଳର ପରିସୀମା କିପରି ଅଧିକ ହୋଇପାରିବ ସେନେଇ ବିଧାୟକ ସର୍ବୋଚ୍ଚ ଯନ୍ତ୍ରୀଙ୍କଠାରେ ଦାବି କରିଛନ୍ତି। ଏହି ପ୍ରକଳ୍ପ ସ୍ଥାପନ ହେଲେ ମରୁଡ଼ି ପ୍ରପୀଡ଼ିତ ବୀରମହାରାଜପୁର ବ୍ଲକର ୫୨ଟି ରାଜସ୍ୱ ଗ୍ରାମ ଓ ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକର ୬ଟି ରାଜସ୍ୱ ଗ୍ରାମର ଚାଷୀ ଉପକୃତ ହେବେ। ଏଥିରେ ବୀରମହାରାଜପୁର ବ୍ଲକର ୬ ହଜାର ୮ ଶହ ହେକ୍ଟର ଓ ରେଢ଼ାଖୋଲ ବ୍ଲକର ୨୮୮ ହେକ୍ଟର ଏହିପରି ମୋଟ ୭ ହଜାର୮୮ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଦିଆ ଯାଇପାରିବ। ପର୍ଯ୍ୟାୟ କ୍ରମେ ଡ୍ୟାମ ଜଳଧାରଣ କ୍ଷମତାକୁ ଦେଖି ଅଧିକ ଚାଷ ଜମିକୁ ଜଳସେଚନ ସୁବିଧା ଦିଆଯାଇପାରେ ବୋଲି ପ୍ରସ୍ତାବ ରହିଥିବା କଥା ସୂଚନା ମିଳିଛି। ପ୍ରସ୍ତାବିତ ସୁରୁବାଲି ଯୋର ସେଚ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବୀରମହାରାଜପୁର ବ୍ଲକ ପାଇଁ ଏକ ବରଦାନ ସ୍ୱରୂପ ହେବ। ଏହି ପ୍ରକଳ୍ପ ଦୀର୍ଘଦିନରୁ ଏକ ରାଜନୈତିକ ପ୍ରସଙ୍ଗ ହୋଇ ରହିଥିବା ବେଳେ ବୀରମହାରାଜପୁରର ତତ୍କାଳୀନ ବିଧାୟକ ସ୍ୱର୍ଗତ ବୈଷ୍ଣବ ପଧାନ ପ୍ରଚେଷ୍ଟା କରିଥିଲେ। ପରବର୍ତ୍ତୀ ସମୟରେ ଜନ ପ୍ରତିନିଧି ଓ ପ୍ରଶାସନିକ ଅବହେଳା ଓ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହି ପ୍ରକଳ୍ପର ବିଶେଷ ଅଗ୍ରଗତି ହୋଇ ପାରି ନ ଥିଲା। ଏହି ପ୍ରକଳ୍ପ ପାଇଁ ବିଧାୟକ ଜଗଦଲା ବିଧାନ ସଭାରେ ଦାବି କରି ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ। ତେବେ ବିଧାୟକଙ୍କ ଏହି ପ୍ରୟାସକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଉଛି। ପ୍ରକଳ୍ପ ନେଇ ଆଲୋଚନା ସଫଳ ହୋଇଥିବା ବିଧାୟକ ଜଗଦଲା କହିଛନ୍ତି।


ଭୁବନେଶ୍ୱରରେ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ସହିତ ବିଧାୟକ ରଘୁନାଥ ଜଗଦଲା ଆଲୋଚନା କରୁଛନ୍ତି।

# ଏଇଏସ୍ କଲେଜ ବାର୍ଷିକ କ୍ରୀଡ଼ା



ବାର୍ଷିକ କ୍ରୀଡା ଉତ୍ସବରେ ମଞ୍ଚାସୀନ ଅତିଥି।

ତରଭା, ୭।୧୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଏଇଏସ କଲେଜରେ ଦୁଇଦିନିଆ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର କ୍ରୀଡା ପତାକା ଉତ୍ତୋଳନ କରି କ୍ରୀଡା ଉତ୍ସବର ଉଦ୍‌ଘାଟନ କରିଥିଲେ। ଯୁକ୍ତ ୨ ଓ ଯୁକ୍ତ ୩ ବାଳକ ବିଭାଗରେ ୧୦ଟି ଲେଖାଏ ଇଭେଣ୍ଟ ହେଇଥିଲା। ବାଳିକା ବିଭାଗରେ ୮ ଟି ଲେଖାଏ ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। ଯୁକ୍ତ ୨ ବାଳକ ବିଭାଗରେ ବିଜ୍ଞାନ ବିଭାଗ ଦ୍ୱିତୀୟ ବର୍ଷ ଛାତ୍ର ବିଭୂତି ନାଏକ ଚାମ୍ପିୟନ ହୋଇଥିଲେ। ଯୁକ୍ତ ୨ବାଳିକା ବିଭାଗ ରେ କଳା ବିଭାଗ ପ୍ରଥମ ବର୍ଷ ଛାତ୍ରୀ ରିମା ଧରୁଆ ଚାମ୍ପିୟନ ହୋଇଥିଲେ। ସେହିପରି ଯୁକ୍ତ ୩ ବାଳକ ବିଭାଗରେ ସୁମନ କୁଅଁର ଚାମ୍ପିୟନ ଓ ବାଳିକା ବିଭାଗରେ କୁଞ୍ଜଲତା କର୍ମୀ ଚାମ୍ପିୟନ ହୋଇଥିଲେ। ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ କଲେଜ ପରିଚାଳନା କମିଟି ସଭାପତି ଶୈଳେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କଲେଜ ଆଥେଲେଟିକ ଆସୋସିଏଶନ ଭାଇସ ପ୍ରେସିଡେଣ୍ଟ ଅଧାପକ ରୋହିତ ପ୍ରଧାନ, ପ୍ରଧାପକ ଅନୋଜ ଭୁକ୍ତା, ଶିବରାମ ମେହେର, ପ୍ରଧାପିକା ବିନତି ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଫକୀର ବାବାଙ୍କ ଉର୍ସ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ତରଭା, ୭।୧୨(ମାନଭଞ୍ଜନ ମିଶ୍ର)

ଆଗାମୀ ୧୪ ଓ ୧୫ ତାରିଖ ଦୁଇଦିନ ଧରି ତରଭା ୱାଲେ ଫକୀର ବାବାଙ୍କ ୪୩ ତମ ଉର୍ସ ଉତ୍ସବ ପାଳିତ ହେବ। ଏଥିପାଇଁ ଶାନ୍ତି କମିଟି ବୈଠକ ତରଭା ବ୍ଲକ ସଭାଗୃହରେ ଶନିବାର ସୋନପୁର ଜିଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର କୁମାର ନାଏକ, ଉପଜିଲାପାଳ ଡ଼ ସୌମ୍ୟରୂପା ରଥ, ବ୍ଲକ ଅଧ୍ୟକ୍ଷ ସରୋଜ କୁମାର କର୍ମ, ବିଡ଼ିଓ ଗଙ୍ଗାରାମ ବୁଡେକ, ତହସିଲଦାର ତୁଳା ମୁଦୁଲି, ସିଡିଏମ୍‌ଓ ପ୍ରଦୀପ କୁମାର ଗୁରୁ, ତରଭା ମେଡ଼ିକାଲ ଅଫିସର ରଶ୍ମିରଞ୍ଜନ ଚୌହାନ, ଆଇଆଇସି ଅନିତା କିଡୋ, ଏନଏସି ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ, ଫାୟାର ଅଫିସର ଅନୀଲ କୁମାର ମିଶ୍ର, ଏବିଡ଼ିଓ ନିରଞ୍ଜନ ନାଏକ, ଏଇଏସ କଲେଜ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର, ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ କବିତା ବରେଇ, ବାଳକ ହାଇସ୍କୁଲ ପ୍ରଧାନଶିକ୍ଷକ ସୁରଜ କୁମାର ସେଠୀ,ଏବିଇଓ ସତ୍ୟନାରାୟଣ ମହାପାତ୍ର, ପିଏଚ୍‌ଡି କନିଷ୍ଠ ଯନ୍ତ୍ରୀ ଦୀପକ କୁମାର ମେହେର ପ୍ରମୁଖ ଯୋଗଦେଇ ଉର୍ସ ଉତ୍ସବ ସମୟରେ ଆବଶ୍ୟକ ହେଉଥିବା ସମସ୍ତ ବିଷୟରେ ଆଲୋଚନା କରିଥିଲେ। ଉର୍ସ ସମୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଶ୍ରଦ୍ଧାଳ ଫକୀର ବାବାଙ୍କ ମଜାର ଦର୍ଶନ ପାଇଁ ଆସୁଥିବାରୁ ସେମାନଙ୍କ ରହିବା, ଖାଇବା ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା, ଆଇନ ଶୃଙ୍ଖଳା, ବିଦ୍ୟୁତ୍ ଯୋଗାଣ, ଟ୍ରାଫିକ ଓ ପାର୍କିଂ ବ୍ୟବସ୍ଥାର ସୁପରିଚାଳନା, ସହରର ସଫେଇ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଜିଲାପାଳ ଉର୍ସ ସମୟରେ ବିଭାଗ ଗୁଡିକ ସେମାନଙ୍କ କାର୍ଯ୍ୟ ସୁଚାରୁରୂପେ ତୁଲାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଉପ ନଗରପାଳ ଗଗନ କୁମାର ଅଗ୍ରୱାଲ, ମଧୁସୂଦନ ପାଣ୍ଡେ, ପୂର୍ବତନ ନଗରପାଳ ଶୈଳେନ୍ଦ୍ର କୁମାର ସାହୁ, ବରିଷ୍ଠ ନାଗରିକ କମିଟି ସଭାପତି ଦେବେନ୍ଦ୍ର ବିଜୟ ସାହୁ, ଜୟପ୍ରକାଶ ନାରାୟଣ ସାହୁ, ମସ୍‌ଜିଦ ମଜାର କମିଟି ସଭାପତି ସେହେବାଜ ଖାନ, ସମ୍ପାଦକ ଅସଲମ ଖାନ, ଉପସଭାପତି ଖ୍ୱାଜ ମହମ୍ମଦ, ଆକବର ଅଲ୍ଲୀ, ଏହେସାନ ଖାନ, ଅନୱର ଖାନ, ଅଜନବୀ ଖାନ, ଅବଦୁଲ ଖାନଙ୍କ ସମେତ କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ କ୍ରୀଡ଼ା

ଡୁଙ୍ଗୁରିପାଲି, ୭।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରସତୀ ଶିଶୁ ବିଦ୍ୟାମନ୍ଦିରର ୨୬ତମ ବାର୍ଷିକ କ୍ରୀଡା ଶନିବାର ଡୁଙ୍ଗୁରିପାଲି କଲେଜ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡୁଙ୍ଗୁରିପାଲି ରାଧାକୃଷ୍ଣ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ସରସତୀ ଶିଶୁ ବିଦ୍ୟା ମନ୍ଦିର ଡୁଙ୍ଗୁରିପାଲି ପରିଚାଳନା ସମିତି କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମେହେର ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ବିଭୁତିଭୂଷଣ ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ସାହୁଙ୍କ କ୍ରୀଡାର ମହତ୍ତ୍ୱ ବିଷୟରେ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ମେହେର କ୍ରୀଡାର ଆବଶ୍ୟକତା ବିଷୟରେ କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍, ଆଧ୍ୟାତ୍ମିକ କବି ଲକ୍ଷ୍ମୀଧର ନାୟକ, .ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଗୁରୁଜୀ ପୌଲସ୍ତି ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁବର୍ଗରେ ସାଇ ହିମାଦ୍ରି ପଧାନ, ତୁଳସୀ ଚିରଗୁନ, ବାଲବର୍ଗରେ ମାସୁମ ମାନହିରା, ଇତିଶ୍ରୀ ନାୟକ ଓ କିଶୋର ବର୍ଗରେ ତୋଷବନ୍ତ ବାଗ, ସ୍ୱୀକୃତି ପଣ୍ଡା ଶ୍ରେଷ୍ଠ ଖେଳାଳିଭାବେ ପୁରସ୍କୃତ ହୋଇଥିଲେ।


ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

## ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣର ପ୍ରତିବାଦ

# ହିନ୍ଦୁ ସୁରକ୍ଷା ମଞ୍ଚର ରାଲି


ହିନ୍ଦୁ ସଙ୍ଗଠନ କର୍ମକର୍ତ୍ତାମାନେ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରୁଛନ୍ତି।

ସୋନପୁର,୭।୧୨(ମୃତ୍ୟୁଞ୍ଜୟ ଶତପଥୀ)

ଭାରତର ପଡୋଶି ଦେଶ ବାଂଲାଦେଶରେ ହିନ୍ଦୁ ଓ ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଆକ୍ରମଣ ବଢିବାରେ ଲାଗିଛି। ଶାସନ ପରିବର୍ତ୍ତନ ଆଳରେ ସେଠାକାର ମୌଳବାଦୀମାନେ ହିନ୍ଦୁଙ୍କୁ ହତ୍ୟା କରିବା ସହ ମହିଳାଙ୍କୁ ବଳାତ୍କାର କରୁଛନ୍ତି। ହିନ୍ଦୁ ମନ୍ଦିର ଭାଙ୍ଗିବା ଓ ଲୁଟ୍ କରିବା ସହ ହିନ୍ଦୁଙ୍କ ବ୍ୟବସାୟ ପ୍ରତିଷ୍ଠାନକୁ ଜୋର ଜବରଦସ୍ତ ବନ୍ଦ କରାଯାଉଛି। ବାଂଲାଦେଶ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଏହାର ପ୍ରତିବାଦରେ ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ସୁବର୍ଣ୍ଣପୁର ସହରରେ ଶନିବାର ରାଲି କରାଯାଇଛି। ସନାତନୀ ହିନ୍ଦୁ ସୁରକ୍ଷା ସମିତି ଆହ୍ୱାନକ୍ରମେ ଶତାଧିକ ମହିଳା ଓ ପୁରୁଷ ରାମଜୀନଗର ସ୍ଥିତ ରାମ ମନ୍ଦିର ପରିସରରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର ନାୟକ, ଦିଲ୍ଲିପ ତ୍ରିପାଠୀ, ପ୍ରମୋଦ ମହାପାତ୍ର, ଆନନ୍ଦ ବାରିକ୍, ଜନ୍ମେଜୟ ପାଣିଗ୍ରାହୀ, ଜିତୁ ବଡମାଳୀ, ରଶ୍ମି ରଞ୍ଜନ ଦାସ, ଗଣେଷ ପ୍ରଧାନ, ରାକେଶ ସିଂ, କାହ୍ନୁ ଚରଣ ସାହୁ, ବେଣୁଧର ଦାସ, ବିଶ୍ୱମ୍ବର ମିଶ୍ର ଓ ଚନ୍ଦନ କୁମାର ପ୍ରହରାଜ ପ୍ରମୁଖ ଯୋଗଦାନ କରି ସଂଯୁକ୍ତ ରାଷ୍ଟ୍ର ମାନବ ଅଧିକାର ଆୟୋଗ ଏଥିରେ ହସ୍ତକ୍ଷେପ କରି ବଂଲାଦେଶରେ ହିନ୍ଦୁଙ୍କ ଉତ୍ପୀଡନ ଓ ବନ୍ଦ କରିବାକୁ ଆହ୍ୱାନ କରିଥିଲେ। ବାଂଲାଦେଶରେ ଅଳ୍ପ ସଂଖ୍ୟକ ହିନ୍ଦୁ ସାମଜ ଉପରେ ଉତ୍ପୀଡନକୁ ବିରୋଧ କରି ସ୍ୱର ଉତ୍ତୋଳନ କରୁଥିବା ଇସ୍କନ ମନ୍ଦିର ମୁଖ୍ୟ ପୂଜକ ଚିନ୍ମୟକୃଷ୍ଣ ଦାସଙ୍କୁ ଜେଲରେ ଦେଶଦ୍ରୋହ ଅପରାଧରେ ରଖିବା ଅତ୍ୟନ୍ତ ନିନ୍ଦନୀୟ ବୋଲି କହିଥିଲେ। ସେହିପରି ଜିଲାରେ ରହୁଥିବା ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଚିହ୍ନଟ କରି ଦେଶାନ୍ତର କରିବାକୁ ଦାବି ହୋଇଥିଲା। ଏହି ଅବସରରେ ଜିଲାପାଳ ଅନ୍ୟା ଦାସଙ୍କ ଜରିଆରେ ଦେଶର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରା ଯାଇଥିଲା।

# ମାହେଶ୍ୱରୀ କ୍ରିକେଟ: ସେମିରେ ଖମାର

ଅମରପାଲି, ୭।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ବାଗବର ପଞ୍ଚାୟତ ଭଲିଆପଦର ଗ୍ରାମରେ ୧୧ତମ ମା’ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଶବିନବାର ଉଦ୍‌ଘଟିତ ହୋଇଯାଇଛି। କ୍ରୀଡାବିତ୍ ନିରୋଦ ପାଣ୍ଡେ, ରାଜେଶ ମିଶ୍ର, ବିଜୟ ପ୍ରଧାନ, ବାସୁଦେବ ହୋତା, ପୀତବାସ ଶତପଥୀ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଝାରକୁମୁଣ୍ଡା ଓ ନୂଆପାଲି ମଧ୍ୟରେ ହୋଇଥିଲା। ଏଥିରେ ଝାରକୁମୁଣ୍ଡା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ କେନ୍ଦୁପାଲି ଓ ଖମାର ମଧ୍ୟରେ ହୋଇଥିଲା। ଏଥିରେ ଖମାର ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚ ବିଜେତା ଝାରକୁମୁଣ୍ଡା ଓ ଦ୍ୱିତୀୟ ମ୍ୟାଚ ବିଜେତା ଖମାର ମଧ୍ୟରେ ହୋଇଥିଲା। ଖମାର ଦଳ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚଗୁଡ଼ିକରେ ରାଜକୁମାର କର୍ଣ୍ଣ, ଅରବିନ୍ଦ ଦେହୁରୀ, ଅଭିଷେକ ପଣ୍ଡା, ରିଙ୍କୁ ହାତୀ ଅମ୍ପୟାର, ରାହୁଲ ଚାନ୍ଦ ସ୍କୋରିଂ ଏବଂ ଧୂମକେତୁ ମେହେର ଧାରା ବିବରଣୀ ପ୍ରଦାନ କରିଥିଲେ।

## ବିନିକାରେ ମହା ପରିନିର୍ବାଣ ଦିବସ ପାଳିତ

ବିନିକା, ୭।୧୨(ରାମ ଗୋପାଳ ବାଘ ): ସୁବର୍ଣ୍ଣପୁର ଜିଲା ବିନିକା ବାଳକ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମହାକୁରଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ବାବା ସାହେବ ଡ଼ ଭୀମାରାଓ ଆମ୍ବେଡକରଙ୍କ ମହା ପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କାଉନସିଲର ବିଜୟ ବରାଇ, ମୁଖ୍ୟବକ୍ତା ଏମ.ମହାନନ୍ଦ, ସମ୍ମାନୀତ ଅତିଥିଭାବେ ରାମ ଗୋପାଳ ବାଘ ଯୋଗଦେଇଥିଲେ। ବାବାସାହେବଙ୍କ ଜୀବନୀ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଅଶୋକ ମିର୍ଦ୍ଧା ମଞ୍ଚ ପରିଚାଳନା କରିଥିବା ବେଳେ ଦୀନବନ୍ଧୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବିନିକା ଏନଏସି କାର୍ଯ୍ୟାଳୟରେ ନଗରପାଳ ସୁବାଷ ଚନ୍ଦ୍ର ଭୁଏଙ୍କ ଅଧ୍ୟକ୍ଷତାରେ ମହାନିର୍ବାଣ ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତାଭାବେ ମୋହନ ମହାନନ୍ଦ, ମୁଖ୍ୟ ଅତିଥି ଏସ୍‌ସି ସଂଘ ସଭାପତି ଡିଲେଶ୍ୱର ହାତୀ, ସମ୍ମାନୀତ ଅତିଥିଭାବେ ରାମ ଗୋପାଳ ବାଘ, ଦୀନବନ୍ଧୁ ମେହେର ଯୋଗଦେଇ ବାବାସାହେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଭୀଷ୍ମ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା

ଅମରପାଲି, ୭।୧୨(ପୀତାମ୍ବର ସାହୁ)

- ୩୧୪ ଛାତ୍ରୀଛାତ୍ର କଲେ ଅଂଶଗ୍ରହଣ
- ଆଦ୍ୟାଶା, ଅନ୍ତର୍ଯ୍ୟାମୀ ବରିଷ୍ଠ, କନିଷ୍ଠରେ ପଦ୍ମାଳୟା, ବିକାଶ ଚାମ୍ପିୟନ

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପକଣ୍ଠ ରାଣୀପୁରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୧୪ତମ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ବିନିକା ବ୍ଲକ ବଲାରଙ୍ଗା ହାଇସ୍କୁଲ ଖେଳ ଶିକ୍ଷକ ବ୍ରଜ ମୋହନ ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇ କ୍ରୀଡାକୁ ଉଦ୍‌ଘାଟନ କରିଥିଲେ। ବାଳିକା ଓ ବାଳକ ବର୍ଗରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ୧୦୦ ମିଟର,୨୦୦ ମିଟର, ୪୦୦ମିଟର, ୮୦୦ମିଟର ଦୌଡ଼, ଲମ୍ଫଡିଆଁ, ଉଚ୍ଚ ଡିଆଁ, ସର୍ଟପୁଟ, ଡିସକସ ଥ୍ରୋ , ପୁଚିଖେଳ, ମ୍ୟୁଜିକ ଚେୟାର ଆଦି ଖେଳ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଶିକ୍ଷା କେନ୍ଦ୍ର ସମ୍ପାଦକ ମନରଞ୍ଜନ ଦାସ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ଡ.ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ଭଗବାନ ମିଶ୍ର, ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗଦେଇ କ୍ରୀଡାବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ବର୍ଗରେ ଆଦ୍ୟାଶା ନନ୍ଦ ଓ ଅନ୍ତର୍ଯ୍ୟାମୀ ନାୟକ ଏବଂ କନିଷ୍ଠ ବର୍ଗରେ ପଦ୍ମାଳୟା ଆଡକୁଆଲି ଓ ବିକାଶ ସୁନା ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଶିକ୍ଷକ ନବାରୁଣ ଦେବଦତ୍ତ ଶତପଥି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ରାଜେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରୁଦ୍ରନାରାୟଣ ଦାସ, ବସନ୍ତ ସାମଲ, କବି ଖମାରୀ ସମସ୍ତ ଖେଳଗୁଡ଼ିକ ପରିଚାଳନା କରିଥିଲେ। କୌଶଲ୍ୟା ପ୍ରଧାନ, ମନିଷା ପ୍ରଧାନ,ସ୍ମୃତି କର୍ମୀ,ଲିପ୍ସା ଶଙ୍ଖୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଜଣେ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ରୋଗ ଚିହ୍ନଟ, ଚିକିତ୍ସା ଉପରେ ଗୁରୁତ୍ୱ

## ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ

ସୋନପୁର,୭।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସଘନ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହା ଦୀର୍ଘ ୧୦୦ ଦିନ ବ୍ୟାପି ଚାଲିବ। ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ସଭାପତି ସୁପାର ଠେଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ବଲାଙ୍ଗୀର ଏମ୍‌ପିଙ୍କ ଜିଲା ପ୍ରତିନିଧି ଶରତ ଶତପଥୀ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ମନୋଜ କୁମାର ଅଦାବର, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧ୍ୟକ୍ଷ ଦୁର୍ଗାଦତ୍ତ ଦାସ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି ) ଗୋପାଳ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଟିବି) ପଦ୍ମହଂସ ଦୋରା, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶିନୀ କୁମାର ଭୋଇ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ସଂଯୋଜକ ବିଶ୍ୱମ୍ବର ବେହେରା ଯୋଗଦେଇ ଯକ୍ଷ୍ମା ରୋଗର ଲକ୍ଷଣ, ରୋଗ ଚିହ୍ନଟକରଣ କରି ଔଷଧ ସେବନ କରିବା। ରୋଗୀକୁ ପ୍ରତି ପଦକ୍ଷେପରେ ନିକ୍ଷୟ ମିତ୍ର ହୋଇ ସହଯୋଗ ପ୍ରଦାନ କରି ୨୦୨୫ ସୁଦ୍ଧା ଟିବି ମୁକ୍ତ ଭାରତ ଗଠନ ନିମନ୍ତେ ଜନସଚେତନା ସୃଷ୍ଟି କରିବା ବିଷୟରେ ଜାଣିବା, ବୁଝିବା ଓ ଅନ୍ୟ ମାନଙ୍କୁ ବୁଝାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥି ବୃନ୍ଦ ୨ଟି ସଚେତନତା ଭ୍ୟାନକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଯାହାକି ଜିଲାର ପ୍ରତ୍ୟେକ ଗ୍ରାମକୁ ଟିବୀ ମୁକ୍ତ ଭାରତ ଗଠନ ଲକ୍ଷ୍ୟରେ ସଚେତନତା ବାର୍ତ୍ତା ପହଞ୍ଚାଇବାରେ ସହାୟକ ହୋଇ ପାରିବ। ଉକ୍ତ ସଭାରେ ଆଶା, ଏଏନ୍‌ଏମ ଛାତ୍ରୀ, ନର୍ସିଂ ଅଫିସର ସମସ୍ତ ପରାମର୍ଶଦାତା, ସାସ୍ଥ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ସାହୁ, ସୁଧାଂଶୁ ନାୟକ, ବି.କେ ସାଗରିକା,ସୋଭନା ଦାସ, ତରଣୀ ସେନ ପ୍ରଧାନ ଓ ଗୀତାଞ୍ଜଳି ମେହେର, ଜ୍ଞାନଜିତ ଶତପଥୀ ସହଯୋଗ କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭା ପରିଚାଳନା କରିଥିବା ବେଳେ ସମୀର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।


ସୁବର୍ଣ୍ଣପୁରରେ ଅତିଥିମାନେ ସଚେତନତା ଭ୍ୟାନର ଶୁଭାରମ୍ଭ କରିଥିଲେ।

# ‘ଟଙ୍କା ଦେଲେ ଅଧିକ ଟାର୍ଗେଟ ମିଳୁଛି’

**ବଲାଙ୍ଗୀର,୭।୧୨(ବୀରେନ୍ଦ୍ର କୁମାର ଝାଙ୍କର)**



ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ସହ ମିଲରମାନେ ଆଲୋଚନା କରୁଛନ୍ତି।

### ଧାନକିଣା ଟାର୍ଗେଟ ବଣ୍ଟନରେ ପାତର ଅନ୍ତର

- ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆଣିଲେ ମିଲର୍ସ
- ରୁଦ୍ଧଦ୍ୱାର ବୈଠକରେ ମିଲର୍ସ-ଯୋଗାଣ ଅଧିକାରୀଙ୍କ ପାଟିତୁଣ୍ଡ
- ଚାଷୀଙ୍କଠାରୁ ଧାନ କିଣି ପାରିନାହିଁ ପ୍ରଶାସନ

ବଲାଙ୍ଗୀର ଜିଲାରେ ଧାନକିଣା ସ୍ୱାଭାବିକ ହୋଇନାହିଁ। ମିଳିଥିବା ତଥ୍ୟ ମୁତାବକ ଜିଲାର କେତେଜଣ ଚାଷୀଙ୍କ ପାଖକୁ ଟୋକନ ଆସିସାରିଛି। ମିଲର୍ସଙ୍କ ସହ ଚୁକ୍ତି ବି ସରିଛି। ହେଲେ ଶନିବାର ସନ୍ଧ୍ୟା ସୁଦ୍ଧା ଜିଲାରେ ଧାନକିଣା ଅଚଳାବସ୍ଥା ଲାଗିରହିଛି। ଧାନକିଣା କେବେ ସ୍ୱାଭାବିକ ହେବ ଜଣାପଡି ନ ଥିବା ବେଳେ ଶନିବାର ମିଲର୍ସମାନେ ଯୋଗାଣ କାର୍ଯ୍ୟାଳୟ ଅଧିକାରୀଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଧାନକିଣା ଚୁକ୍ତି କରିଥିବା ମିଲର୍ସଙ୍କୁ ଧାନ ଟାର୍ଗେଟ ବଣ୍ଟନରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ଆଣି ମିଲର୍ସମାନେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ବେଣୁଧର ପଣିଗ୍ରାହୀଙ୍କ ସହ ରୁଦ୍ଧଦ୍ୱାର ବୈଠକ କରିଥିଲେ। ବୈଠକରେ ପାଟିତୁଣ୍ଡ ହୋଇଥିଲା। ଅଧିକ ଟଙ୍କା ଦେଲେ ଅଧିକ ଟାର୍ଗେଟ ଦିଆଯାଉଛି ବୋଲି ଅଭିଯୋଗ କରାଯାଇଥିଲା। ଜିଲାର ସମସ୍ତ ମିଲର୍ସଙ୍କୁ ସମାନ ଟାର୍ଗେଟ ବଣ୍ଟନ କରାଯିବାକୁ ମିଲର୍ସମାନେ ଦାବି କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ମିଲର୍ସମାନେ ପୂର୍ବାହ୍ନରୁ ଜିଲା ଯୋଗାଣ କାର୍ଯ୍ୟାଳୟରେ ରୁଣ୍ଡ ହୋଇଥିଲେ। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଅଫିସ ଆସିବା ପରେ ମିଲର୍ସ ପ୍ରତିନିଧିମାନେ ତାଙ୍କୁ ଅଫିସ ଭିତର ଏକ ବୈଠକ ସ୍ଥଳକୁ ଡାକିଥିଲେ। ଏହାପୂର୍ବରୁ ମିଲର୍ସମାନଙ୍କ ମଧ୍ୟରୁ ଅନେକେ ଗଣମାଧ୍ୟମରେ ଟାର୍ଗେଟ ବଣ୍ଟନକୁ ନେଇ କିଭଳି ପାତରଅନ୍ତର ଚାଲିଛି ଓ ଟଙ୍କା ଦେଲେ କିଭଳି ଅଧିକ ଟାର୍ଗେଟ ଦିଆଯାଉଛି କହିସାରିଥିଲେ। ବେଲପଡା ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ମିଲର୍ସଙ୍କୁ କିଭଳି ଅଧିକ ଟାର୍ଗେଟ ଦିଆଯାଇଛି ଅଭିଯୋଗ କରିଥିଲେ। ଯିଏ ଟଙ୍କା ଦେଇପାରୁନାହିଁ ସେମାନଙ୍କୁ କମ୍ ଟାର୍ଗେଟ ଦିଆଯାଇ କିଭଳି ହଇରାଣ କରାଯାଉଛି କହିଥିଲେ। ବେଲପଡା ଘାଗୁର୍ଲିର ମିଲର୍ସ ଲୋକନାଥ ସାହୁ ଟଙ୍କା ଦେଲେ ଅଧିକ ଟାର୍ଗେଟ ଦିଆଯାଉଥିବା ଭଳି ସାଂଘାତିକ ଅଭିଯୋଗ ଆଣିଥିଲେ। ଗତ ୨୦୨୩-୨୪ ବର୍ଷରେ ଯେଭଳି ଟାର୍ଗେଟ ଦିଆଯାଇଥିଲା ସେଭଳି ଟାର୍ଗେଟ ଦିଆଯାଇଛି ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପାଣିଗ୍ରାହୀ କହିଥିଲେ। ସମାନ ଟାର୍ଗେଟ ଦିଆ ନ ଗଲେ କୌଣସି ମିଲର୍ସ ଧାନକିଣା ପ୍ରକ୍ରିୟାରେ ଭାଗ ନେବେ ନାହିଁ ବୋଲି ମିଲର୍ସମାନେ ସେଠାରେ କହିଥିଲେ। ସନ୍ଧ୍ୟାରେ ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହେବ ବୋଲି ଯୋଗାଣ ଅଧିକାରୀ ପାଣିଗ୍ରାହୀ କହିବା ପରେ ମିଲର୍ସମାନେ ସେଠାରୁ ଫେରିଥିଲେ। ଅପରାହ୍ଣ ୪ଟାରୁ ପୁଣି ଥରେ ମିଲର୍ସମାନେ ଯୋଗାଣ କାର୍ଯ୍ୟାଳୟରେ ଥିଲେ ସୁଦ୍ଧା ରାତି ସାଢ଼େ ୭ଟା ଯାଏଁ କୌଣସି ସମାଧାନ ବାଟ ବାହାରି ନ ଥିବା ଜିଲା ମିଲର୍ସ ଆସୋସିଏଶନ୍ ସଭାପତି ସମର ରଥ ଜଣାଇଛନ୍ତି।

# ଲାୟନ୍ସ କ୍ଲବ ପକ୍ଷରୁ ମାଗଣା ଡାଇବେଟିସ୍ ପରୀକ୍ଷା ଶିବିର




ମାଗଣା ଡାଇବେଟିସ୍ ପରୀକ୍ଷା ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ଦେବଗଡ଼,୭।୧୨(ଶଶାଙ୍କ ଶେଖର ଝାଙ୍କର)**

ଲାୟନ୍ସ କ୍ଲବ ଇଣ୍ଟରନ୍ୟାଶନାଲ, ଦେବଗଡ ଗୋଲ୍ଡ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ କ୍ଲବଠାରେ ଏକ ମାଗଣା ଡାଇବେଟିସ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଲାୟନ ଭାଗିରଥୀ ଦ୍ୱିବେଦୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମୋଟ ୧୭୩ଜଣ ଡାଇବେଟିସ ପରୀକ୍ଷା କରିଥିଲେ। ଶିବିରକୁ ଡାକ୍ତର ଧିରେନ କୁମାର ଦେବ ପରିଚାଳନା କରିଥିଲେ। ଆୟୋଜନରେ କ୍ଲବର ସମ୍ପାଦକ ଲାୟନ ସ୍ୱସ୍ତିକ ମହାପାତ୍ର, କୋଷାଧ୍ୟକ୍ଷ କ୍ଷୀରୋଦ ବେହେରା, ପ୍ରଶନ୍ନ ବେହେରାମ, କ୍ଷୀତିଶ ପ୍ରଧାନ, ପ୍ରତାପ ଦେବ, ଶିବାନନ୍ଦ ଗଡନାୟକ, ଶୁକଦେବ ଭଞ୍ଜ, ପଲ୍ଲବ ଘୋଷ, ସୌମ୍ୟରଞ୍ଜନ ବେହେରା,ରମଣୀ ରଞ୍ଜନ ଆଚାର୍ଯ୍ୟ, ନେତ୍ରାନନ୍ଦ ସାହୁ ଓ ଦିଲ୍ଲୀପ କୁମାର ସାହୁ ସହଯୋଗ କରିଥିଲେ।

# ୧୪ରୁ ରାଜ୍ୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା



ଫୁଟ୍‌ବଲ ପ୍ରତିଯୋଗିତା ନେଇ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ଦେବଗଡ଼,୭।୧୨(ଶଶାଙ୍କଶେଖର ଝାଙ୍କର)**

ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଆୟୋଜନ ନିମନ୍ତେ ତିଲେଇବଣି ବ୍ଲକ ସୁଗୁଡା ସ୍ଥିତ ନେତାଜୀ କ୍ଲବ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁଗୁଡା ହାଟ ପଦା ଠାରେ କ୍ଲବର ସମ୍ପାଦକ ବବଲୁ ବିଶ୍ୱାଳଙ୍କ ଆବାହକତ୍ୱ ଓ ସଭାପତି ଧରଣୀଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୁଗୁଡା ମିନି ଷ୍ଟାଡିୟମଠାରେ ଆଗାମୀ ୧୪ ଏବଂ ୧୫ରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାକୁ ସଫଳ କରିବା ନିମନ୍ତେ ରୂପରେଖ ପ୍ରସ୍ତୁତ କରିଥିଲେ। କ୍ଲବର ନିଷ୍ପତ୍ତି ଅନୁଯାୟୀ ଆଗାମୀ ୧୪ ତାରିଖ ‘ପୁଲ-ଏ’ର ପ୍ରଥମ ମ୍ୟାଚ ଆୟୋଜକ ସୁଗୁଡାର ନେତାଜୀ କ୍ଲବ ଓ ସମ୍ବଲପୁର ଜିଲା କୁଚିଣ୍ଡାର ନାୟକ ବ୍ରଦର୍ସ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ। ‘ପୁଲ-ଏ’ର ଦ୍ୱିତୀୟ ମ୍ୟାଚ ଫୁଲବାଣୀର ସ୍ପୋର୍ଟ୍ସ ହଷ୍ଟେଲ ଓ ଦେବଗଡର ଶିବ ଶଙ୍କର ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ । ଅନୁରୂପ ଭାବେ ‘ପୁଲ-ବି’ର ପ୍ରଥମ ମ୍ୟାଚ କନ୍ଧମାଳର ସୁରଜ ଫୁଟବଲ କ୍ଲବ ଓ ଝାରସୁଗୁଡାର ବାଟାଲିୟନ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ବେଳେ ‘ପୁଲ-ବି’ର ଦ୍ୱିତୀୟ ମ୍ୟାଚ ସମ୍ବଲପୁରର ମୁଣ୍ଡା ଫୁଟବଲ କ୍ଲବ ଓ ଅନୁଗୋଳର ନାଲକୋ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ। ୧୫ ତାରିଖରେ ପ୍ରଥମ ସେମି ଫାଇନାଲ ଓ ଦ୍ୱିତୀୟ ସେମିଫାଇନାଲ ସମେତ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ସେହିପରି ଓଡିଶା ଫୁଟବଲ ଆସୋସିଏସନ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ରେଫରୀମାନଙ୍କ ଦ୍ୱାରା ମ୍ୟାଚଗୁଡିକ ପରିଚାଳିତ ହେବ ବୋଲି ଆୟୋଜକ ନେତାଜୀ କ୍ଲବ ପକ୍ଷରୁ ସୂଚନା ମିଳିଛି।

# ୪ ଦାଦନ ଶ୍ରମିକ ଉଦ୍ଧାର, ୨ ଦଲାଲ ଗିରଫ

**ଖପ୍ରାଖୋଲ,୭।୧୨(ଅଭୟ ତ୍ରିପାଠୀ)**

ଶନିବାର ଖପ୍ରାଖୋଲ ପୋଲିସ ପାଟ୍ରୋଲିଂ ବେଳେ ୪ ଜଣ ଦାଦନ ଶ୍ରମିକ ଉଦ୍ଧାର କରିଛନ୍ତି। ଏହାଛଡା ୩ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଶ୍ରମିକ ଚାଲାଣ ଅଭିଯୋଗରେ ୨ ଜଣ ଦଲାଲଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଜଣ ହେଲେ ବେଲପଡ଼ା ଥାନା କୁମାରଖେନ ଗାଁର ଦୁର୍ଯ୍ୟୋଧନ ହଂସ (୨୫) ଓ ଲାଠୋର ଥାନା ଭରୁଆମୁଣ୍ଡା ଗାଁର ଶତୃଘ୍ନ ନିଆଲ(୪୪) । ପ୍ରକାଶ ଯେ, ମଧ୍ୟାହ୍ନରେ ପୋଲିସ ପାଟ୍ରୋଲିଂ କଲା ବେଳେ ହରିଶଙ୍କର ଛକ ନିକଟରେ ଶ୍ରମିକମାନଙ୍କୁ ହାଇଦ୍ରାବାଦ ଚାଲାଣ ହେଉଥିବା ଜାଣି ଉଦ୍ଧାର କରିଥିଲା । ସେମାନଙ୍କ ମଧ୍ୟରେ ୩ ଜଣ ପୁରୁଷ ଓ ଜଣେ ମହିଳା ଥିଲେ। ସେମାନଙ୍କ ଘର ସାନାଉଦେନ ଓ ପାଚେର ଗାଁରେ । ସମସ୍ତଙ୍କୁ ନିଜ ଗାଁରେ ଛଡାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ନଂ ୨୮୩/୨୪ ରେ ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି।




# କଂସ ପରାକ୍ରମରେ ମଥୁରା ଥରହର



ଦରବାରରେ ପାତ୍ରମନ୍ତ୍ରୀଙ୍କ ସହ କଂସ ମହାରାଜ।

**ପଡିଆବାହାଲ,୭।୧୨(ରାଧାମୋହନ ଷଡ଼ଙ୍ଗୀ )**

### ଧନୁଯାତ୍ରାର ଦ୍ୱିତୀୟ ଦିବସ

ପୌରାଣିକ କଥାବସ୍ତୁ ହରିବଂଶର ମଥୁରା ବିଜୟକୁ ନାଟ୍ୟ ରୂପାନ୍ତର ଦେଇ ମଞ୍ଚସ୍ଥ ହେଉଥିବା ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଧନୁଯାତ୍ରାର ଦ୍ୱିତୀୟ ଦିବସ ଥିଲା ଖୁବ ଆକର୍ଷଣୀୟ। ମାତୁଳ କଂସର ଧନୁଯାତ୍ରାରେ ରାଜକୀୟ ଠାଣି ଥିଲା ବେଶ ଦର୍ଶନୀୟ। ଭଗବାନ କୃଷ୍ଣଙ୍କର ମଥୁରା ଯାତ୍ରାର ସ୍ମୃତି ବହନ କରୁଥିବା ଏହି ଧନୁଯାତ୍ରା ଦେଖିବାକୁ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିଲା। ମହାରାଜ ଉଗ୍ର ପ୍ରତାପୀ କଂସଙ୍କ ଅଭିନୟରେ ମଥୁରା ନଗରୀ ଥରି ଉଠୁଥିଲା। ଗତ ୩ ବର୍ଷ ଧରି କଂସ ଭୂମିକାରେ ଝସକେତନ ପ୍ରଧାନ ଏଠାରେ ଅଭିନୟ କରି ଆସୁଛନ୍ତି। ପ୍ରାରମ୍ଭରେ ମଥୁରା ନଗରୀରେ ଗୀତ ନାଟ୍ୟ ଆସର ବେଶ ମନଛୁଆଁ ହୋଇଥିଲା। ଅନ୍ୟ ପକ୍ଷରେ ମୀନବଜାର ଓ ଖାଦ୍ୟ ମେଳାରେ ଲୋକଙ୍କ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଦିବସରେ ଅଞ୍ଚଳର ନାଟ୍ୟଗୁରୁ ଅବସର ପ୍ରାପ୍ତ ଶିକ୍ଷକ ଅଶ୍ୱନୀ କୁମାର ମିଶ୍ର ରାଜକୀୟ ଅତିଥିଭାବେ ଯୋଗଦେଇ ଅଭିନେତା ଅଭିନେତ୍ରୀଙ୍କ ନିଖୁଣ ଅଭିନୟକୁ ପ୍ରଶଂସା କରିଥିଲେ। ରାଜା ଦଶରଥଙ୍କ ନିମନ୍ତ୍ରଣ ରାଜ ପୁରୋହିତ ମହେଶ୍ୱର ନାୟକ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ କଳା ଓ ସଂସ୍କୃତିର ଅପୂର୍ବ ସମନ୍ୱୟ ଏଠାକାର ଧନୁଯାତ୍ରାର ନିଦର୍ଶନ ବୋଲି କହିଥିଲେ।

# ଦମ୍ପତିଙ୍କୁ ଆକ୍ରମଣ ଘଟଣା,ଅଭିଯୁକ୍ତ ଗିରଫ

**ଲୋଇସିଂହା,୭।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବଙ୍ଗାବାହାଲ ଗ୍ରାମର ଏକ ଦମ୍ପତିଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଶନିବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରଘୁରାଜ ଗାଡୁଆ(୪୦)। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନାଧିକାରୀ ଯାଜ୍ଞସିନୀ ନାୟକ କହିଛନ୍ତ। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୫ ତାରିଖ ରାତିରେ ଅଭିଯୁକ୍ତ ରଘୁରାଜ ତାଙ୍କ ବାପା ଏବଂ ଭଉଣୀଙ୍କୁ କୌଣସି କାରଣରୁ ଘରୁ ତାଡ଼ି ଦେଉଥିଲେ। ଏହାଦେଖି ଅଭିଯୁକ୍ତଙ୍କ ବଡ଼ଭାଇ ରାଜେନ୍ଦ୍ର ଏବଂ ତାଙ୍କ ସ୍ତ୍ରୀ କମଳିନୀ ଯାଇ ପ୍ରତିବାଦ କରିଥିଲେ। ଏଥିରେ ରଘୁରାଜ ଉତକ୍ଷିପ୍ତ ହୋଇ ଉଭୟଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ରାଜେନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ବଲାଙ୍ଗୀର ଡାକ୍ତରଖାନାରୁ ବୁର୍ଲା ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। କମଳିନୀ ଙ୍କ ଅଭିଯୋଗକୁ ଆଧାର କରି ଥାନାରେ ନଂ ୪୦୭।୨୪ରେ ଏକ ମାମଲା ରୁଜୁ ହୋଇଛି।

# ସମ୍ବଲପୁରରେ ସ୍ୱୀକାର ପକ୍ଷରୁ ଲୋକକଳା ମହୋତ୍ସବ




ଲୋକକଳା ମହୋତ୍ସବରେ କଳାକାରଙ୍କ କଳା ପ୍ରଦର୍ଶନ।

**ସମ୍ବଲପୁର,୭।୧୨(ପ୍ରମୋଦ ବହିଦାର)**

ପଶ୍ଚିମ ଓଡ଼ିଶାର ଲୁପ୍ତପ୍ରାୟ ଲୋକକଳର ପୁନରୁଦ୍ଧାର ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ୱୀକାର ପକ୍ଷରୁ ସମ୍ବଲପୁର ଜିଲା ପ୍ରେକ୍ଷାଳୟ ତପସ୍ୱୀନି ହଲ୍‌ରେ ଶନିବାର ଅନୁଷ୍ଠିତ ଲୋକକଳା ମହୋତ୍ସବ କାର୍ଯ୍ୟକ୍ରମରେ ସମ୍ବଲପୁର, ବଲାଙ୍ଗୀର, ଝାରସୁଗୁଡ଼ା, କଳାହାଣ୍ଡି ସମେତ ପଡ଼ୋଶୀ ରାଜ୍ୟ ଛତିଶଗଡ଼ର କଳାକାରମାନେ ଲୋକକଳା ପରିବେଷଣ କରିଥିଲେ। ବିଶେଷ କରି ପଶ୍ଚିମ ଓଡ଼ିଶାର ଲୁପ୍ତପ୍ରାୟ ସଞ୍ଚାର, ସଙ୍କିର୍ତ୍ତନ, ପାଲା, ଘୁବୁକୁଡୁ ନାଚ, କିର୍ତ୍ତନ, ଦାସକାଠିଆ ସମେତ ଭିଭିନ୍ନ କଳାକାର ଦଳ ମଞ୍ଚରେ ସେମାନଙ୍କ କଳା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପଶ୍ଚିମ ଓଡ଼ିଶାର ଲୁପ୍ତ ଦ୍ୱାରଦେଶରେ ପହଞ୍ଚିଥିବା ଲୋକକଳାର ପୁନରୁଦ୍ଧାର ସହିତ ଏହାର ବ୍ୟାପକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ।

# ଯକ୍ଷ୍ମା ବିଲୋପ ଅଭିଯାନର ବୈଠକ

**ଦେବଗଡ଼,୭।୧୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ବିଶ୍ୱମୋହନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବିନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଯକ୍ଷ୍ମା ଡ଼ା. ପ୍ରଭାତ କୁମାର ଓଝା, ଜିଲା ମୁଖ୍ୟ ଚିକିତ୍ସା ଅଧିକ୍ଷକ ଡ଼ା. ମନୋରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଜିଲାପାଳ ସାହୁ, ଜିଲାରେ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ ଉପରେ ଆଲୋକପାତ କରିଥିଲେ। ବୈଠକରେ ଯକ୍ଷ୍ମା ବିଭାଗର ଡିପିସି ଆଶୁତୋଷ ଦାସ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରତୀ ପ୍ରଧାନ, ଅତିରିକ୍ତ ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଆଶା କର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମୀ, ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀ, ଅଙ୍ଗନୱାଡ଼ି କର୍ମୀ, ଜିଲା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଭାରପ୍ରାପ୍ତ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମ୍ରେଶ ଶତପଥୀ ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ। ପରେ ଜିଲା ଚିକିତ୍ସାଳୟ ପରିସରରୁ ଏକ ସଚେତନତା ରଥକୁ ଜିଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ଜିଲା ସଦର ମହକୁମା ସହ ବ୍ଲକ ର ସମସ୍ତ ପଞ୍ଚାୟତ ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରେରଣ କରିବ।




ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ।

# ବେଲପାହାଡ଼ ଲିଓ ୟୁଥ୍ ଏକାଡେମୀ ବିଜୟୀ



ଲିଗ ମ୍ୟାଚ କ୍ରିକେଟରେ ଅତିଥିଙ୍କ ସହ ଖେଳାଳି।

**ଝାରସୁଗୁଡା,୭।୧୨(ଆଶିଷ ରଞ୍ଜନ ଦାଶ)**

### ଆନ୍ତଃ ଜିଲା କ୍ଲବ୍ କ୍ରିକେଟ ଲିଗ୍

ଝାରସୁଗୁଡା ସହର ସ୍ଥିତ ସରବାହାଲ ଖେଳ ପଡିଆଠାରେ ଶନିବାର ପୂର୍ବାହ୍ନରେ ଫ୍ରଣ୍ଟ ଫୁଟ ଝାରସୁଗୁଡା ଓ ଲିଓ ୟୁଥ କ୍ଲବ ବେଲପାହାଡ ମଧ୍ୟରେ ଏକ ଲିଗ ମ୍ୟାଚ କ୍ରିକେଟ ଅନୁଷ୍ଠିତ ହୋଇଥିଲା। ଏହି ଲିଗ ମ୍ୟାଚରେ ଲିଓ ୟୁଥ କ୍ଲବ ବେଲପାହାଡ ୩ ଉଇକେଟରେ ବିଜୟୀ ହୋଇଛି। ଟସ୍ ଜିତି ଫ୍ରଣ୍ଟ ଫୁଟ ଝାରସୁଗୁଡା ପ୍ରଥମେ ବ୍ୟାଟିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ପ୍ରତୀକ ରାୟ ୩୬ ବଲରେ ୪୭ ରନ, ଋତୁରାଜ ସ୍ୱାଇଁ ୫୩ ବଲରେ ୪୩ କରିବାରେ ସଫଳ ହୋଇଥିଲେ। ଅନ୍ୟ ବ୍ୟାଟ୍ସମ୍ୟାନମାନେ ଲିଓ ୟୁଥର ବୋଲିଂ ଆଗରେ ତିଷ୍ଠି ପାରି ନ ଥିଲେ। ୧୪୮ ରନରେ ଫ୍ରଣ୍ଟ ଫୁଟ ଝାରସୁଗୁଡାର ସମସ୍ତ ବ୍ୟାଟ୍ସମ୍ୟାନ ଆଉଟ ହୋଇଯାଇଥିଲେ। ଲିଓ ୟୁଥ ବେଲପାହାଡ ପକ୍ଷରୁ ସାଇନ କୁମାର ସା ୮ ଓଭର ବୋଲିଂ କରି ମାତ୍ର ୧୩ ରନରେ ୪ଟି ଉଇକେଟ ନେଇଥିବାବେଳେ ଶୁଭମ ପ୍ରସାଦ ମଧ ୮ଓଭରରେ ୫୭ ରନ ବିନିମୟରେ ୪ଟି ଉଇକେଟ ନେଇଥିଲେ। ଲିଓ ୟୁଥ ମାତ୍ର ୩୫ ଓଭରରେ ୭ ଉଇକେଟ ହରାଇ ୧୪୯ ରନ କରି ମ୍ୟାଚରେ ବିଜୟ ଲାଭ କରିଥିଲେ। ଲିଓ ୟୁଥ ପକ୍ଷରୁ ଏମଡି ଅରମାନ ୪୬ ବଲ ରେ ୪୦ ରନ, ଲାଲ ଶ୍ରୀବାସ୍ତବ ୬୦ ବଲରେ ୬୪ ରନ କରିଥିବାବେଳେ ଫ୍ରଣ୍ଟ ଫୁଟ ପକ୍ଷରୁ ଅଭିଜିତ ସା ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ବୋଲିଂ ପାଇଁ ସାଇନ କୁମାର ସାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ବାଲାଜୀ ସକ୍ସେନା, ପ୍ୟାରେଲାଲ ଶ୍ରୀବାସ୍ତବ ଯୋଗଦେଇଥିଲେ। ମହମ୍ମଦ ଇସେକି, ପ୍ରଭାଞ୍ଜନ ବଳ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ।

